**ସଂକ୍ଷେପରେ**

## ବ୍ରାଉନ ସୁଗାର ବେପାରୀ ଗିରଫ



ଜଟଣୀ,୬।୧୨(ରବିନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୋଲିସ ବୁଦବାର ବ୍ରାଉନ ସୁଗାର ବେପାର ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୬. ୫୦ ଗ୍ରାମ ବ୍ରାଉନ ସୁଗାର ସହିତ ନଗଦ ୧୨୦୦ ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଜଟଣୀ ଥାନା ଅଧୀନ କୁଦିଆରୀ ଗ୍ରାମସ୍ଥ ପେଟ୍ରୋଲ ପମ୍ପ ଅଞ୍ଚଳର ସୋନୁ ଓରଫ ଅଶ୍ୱିନୀ କୁମାର ଦାସ (୩୦)। ଏନେଇ ଜଟଣୀ ଥାନାରେ ଏକ କେସ୍ (ନଂ. ୪୧୭/୨୩) ରୁଜୁ ହୋଇଥିବା ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି।

ଜଟଣୀ ଥାନା ଅଧୀନ ଖଣ୍ଡୁଆଳ ମନ୍ଦିର ନିକଟରେ ଜଣେ ଯୁବକ ବ୍ରାଉନ ସୁଗାର ବେପାର କରୁଥିବା ନେଇ ପୋଲିସ ଖବର ପାଇଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଦଳ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରି ଜଲେଶ୍ୱର ଅଞ୍ଚଳରୁ ବ୍ରାଉନ ସୁଗାର ଆଣି ଜଟଣୀରେ ବିକ୍ରି କରୁଥିବା ପ୍ରକାଶ କରିଥିଲେ।

## ଗୃହରକ୍ଷୀ ଦିବସ ପାଳିତ

**ଭୁବନେଶ୍ୱର,୬।୧୨(ସୂର୍ଯ୍ୟକାନ୍ତ ବେହେରା):** ଭୁବନେଶର ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ବୁଧବାର ୬୧ତମ ଗୃହରକ୍ଷୀ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶର ସହରାଞ୍ଚଳ ପୋଲିସ ବିଭାଗରେ କାର୍ଯ୍ୟରତ ଗୃହରକ୍ଷୀମାନଙ୍କ ଦ୍ୱାରା ପରେଡ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ପୋଲିସ କମିଶନର ବ୍ରିଜେଶ ରାଏ, ଗୃହରକ୍ଷୀ ବିଭାଗ କମାଣ୍ଡାଣ୍ଟ ତଥା ଭୁବନେଶର ଡିସିପି ପ୍ରତୀକ ସିଂହଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଶୃଙ୍ଖଳିତ ପରେଡ ପ୍ରଦର୍ଶନ ପାଇଁ ଜ୍ୟୋତିରଞ୍ଜନ ସ୍ୱାଇଁ ଓ ସସ୍ମିତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ତମ ପୋଷାକ ପରିଧାନ ପାଇଁ ଦୀପକ କୁମାର ସାହୁ, ଗୃହରକ୍ଷୀ ବିଭାଗରେ ଖ୍ୟାତି ପାଇଁ ସୁଷମା ପ୍ରଧାନ ଏବଂ ଉତ୍ତମ ଶୃଙ୍ଖଳିତ ଆଚରଣ ନିମନ୍ତେ ପ୍ରଣବ ପାଇକରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହ ଅବସରରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ, ହୋମଗାର୍ଡ କମାଣ୍ଡାଣ୍ଟ ଜେନେରାଲ ଏବଂ ହୋମଗାର୍ଡ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପାଠ କରାଯାଇଥିଲା।

# ବିଲରେ ଭାସିଲା ପାଚିଲା ଧାନ, ଚିନ୍ତାରେ ଚାଷୀ

ବୋଲଗଡ଼,୬।୧୨(ଦେବବ୍ରତ ହୋତା)

ପ୍ରକୃତି ଦାଉରେ ଚାଷୀ ହତାଶ ହୋଇ ପଡ଼ିଛି। ଧାନ ଫସଲ ଥୋଡ ଧରିବା ସମୟରେ ଆବଶ୍ୟକ ପାଣି ଅଭାବ କାରଣରୁ ଥୋଡଧାନ ଶୁଖି ଫସଲ ଅମଳରେ କ୍ଷତି ହୋଇଥିଲା। ଏଥିନେଇ ବୋଲଗଡ଼ ବ୍ଲକ ଅଞ୍ଚଳର ଚାଷୀ ବହୁବାର କ୍ଷତିଭରଣା ନେଇ ପ୍ରଶାସନ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ବର୍ତ୍ତମାନ ଅମଳ ସମୟରେ ଲଘୁଚାପ ଜନିତ ବର୍ଷା କାରଣରୁ ଖାଲୁଆ ଜମିରେ ପାଣି ଭରି ଯାଇ ଅମଳ ହେବାକୁ ଥିବା ଧାନ ଭାସୁଥିବା ଦେଖିବାକୁ ମିଳିଛି। ବିଗତ ୨ଦିନ ଧରି ଆକାଶ ମେଘୁଆ ଥିବାବେଳେ ବହୁଚାଷୀ ଧାନକାଟି ଖଳାକୁ ଆଣିବା ପରିବର୍ତ୍ତେ କଟା ଧାନକୁ ବିଲରେ ଏବଂ ବିଡ଼ାବନ୍ଧା ଧାନକୁ ହିଡ଼ମୁଣ୍ଡରେ ଗଦେଇ ଥିଲେ। ତେବେ ବୁଧବାର ବାତ୍ୟା ମିଗ୍‌ଜୋଗ୍ ପ୍ରଭାବରେ ଏହି ଅଞ୍ଚଳରେ ମଧ୍ୟମ ଧରଣର ବର୍ଷା ହୋଇ କଟାଧାନ ବତୁରି ଯାଇଥିବାବେଳେ ଖାଲୁଆ ଜମିର କଟାଯାଇ ନଥିବା ଧାନ ପାଣିରେ ଭାସୁଛି। ପ୍ରକୃତିର ଏହି ବିଚିତ୍ର ଖେଳରେ ଥୋଡ଼ ଧରିବା ସମୟର ବର୍ଷା ଅଭାବରୁ ଜମିକୁ କୂଅ ପୋଖରୀରୁ ପମ୍ପ ଜରିଆରେ ପାଣି ମଡ଼ାଇ ଥିବା ଚାଷୀ ବର୍ତ୍ତମାନ ଅମଳ ସମୟରେ ବିଲରୁ ପାଣି ବାହାର କରିବାକୁ ପମ୍ପ ବ୍ୟବସ୍ଥା କରୁଛନ୍ତି। ଆହୁରି ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ସୂଚନା ଥିବାବେଳେ ପାଚିଲା ଧାନ ଗଜା ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି ଚାଷୀ ନେତା ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରକାଶ ରାଉତରାୟ। ବୋଲଗଡ଼ ବ୍ଲକ ଅଞ୍ଚଳର ସମୁଦାୟ ୧୫୮୦୫ ହେକ୍ଟର ଜମିରୁ ୧୪୦୩୭ ହେକ୍ଟର ଜମିରେ ଧାନଚାଷ ହୋଇଥିବାବେଳେ ଏଥିମଧ୍ୟରୁ ପ୍ରାୟ ଅଧିକାଂଶ ଖାଲୁଆ ଜମିରେ କଟା ଧାନ ଓ କଟା ଯାଇ ନ ଥିବା ଧାନ କ୍ଷତିଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି।



## ବିଧାୟକ ରାଜେନ୍ଦ୍ର ସାହୁଙ୍କ ବିରୋଧରେ ମାମଲା ଖାରଜ

ବୋଲଗଡ଼/ଖୋର୍ଦ୍ଧା,୬।୧୨(ଦେବବ୍ରତ ହୋତା/ପ୍ରଭାତ ପାଣିଗ୍ରାହୀ)



ବେଗୁନିଆ-ବୋଲଗଡ଼ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ବିରୋଧରେ ନିର୍ବାଚନ ଅନିୟମିତତା ସମ୍ପର୍କିତ ଆଗତ ମାମଲା ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟରେ ଖାରଜ ହୋଇଯାଇଛି। ଆବେଦନକାରୀ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବାରେ ବିଫଳ ହେବାରୁ ଅଦାଲତ ଉକ୍ତ ମାମଲାକୁ ରଦ୍ଦ କରିଛନ୍ତି। ପ୍ରକାଶ ଯେ, ଖୋର୍ଦ୍ଧା ପୌରାଞ୍ଚଳର ୧୫ନଂ ୱାର୍ଡର ଉପେନ୍ଦ୍ର କୁମାର ରାଉତରାୟ ନାମକ ବ୍ୟକ୍ତି ବିଧାୟକ ରାଜେନ୍ଦ୍ର କୁମାର ସାହୁ ନିର୍ବାଚନରେ ଅନିୟମିତତା କରିଥିବା ନେଇ ଏସ୍‌ଡିଜେଏମ୍ କୋର୍ଟରେ ଏକ ଅଭିଯୋଗ କରିଥିଲେ। ଆଇପିସି ଦଫା ୪୨୦, ୪୧୯, ୪୬୬, ୪୬୮,୧୭୨ ଅନୁଯାୟୀ ବିଧାୟକଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଅଭିଯୋଗକାରୀ ଆବେଦନ କରିଥିଲେ। ଖୋର୍ଦ୍ଧା ଏସ୍‌ଡିଜେଏମ୍ ଉକ୍ତ ଅଭିଯୋଗର ବିଚାର ପାଇଁ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବାକୁ ଅଭିଯୋଗକାରୀଙ୍କୁ ସମୟ ଦେଇଥିଲେ। ହେଲେ ପର୍ଯ୍ୟାପ୍ତ ସମୟ ମଧ୍ୟରେ ଅଭିଯୋଗକାରୀ ନଥିପତ୍ର ଦାଖଲ କରି ନ ପାରି ମାମଲା ପ୍ରତ୍ୟାହାର ସହ ଆଉ ଥରେ ଦାଖଲ କରିବାକୁ ଅନୁମତି ଲୋଡ଼ିଥିଲେ। ତେବେ ଆଇନରେ ଏଭଳି କୌଣସି ନିଷ୍ପତ୍ତି ନ ଥିବା ଦର୍ଶାଇ ଏସ୍‌ଡିଜେଏମ୍ ଉକ୍ତ ଅଭିଯୋଗକୁ ଭିତ୍ତିହୀନ ଦର୍ଶାଇ ଖାରଜ କରି ଦେଇଛନ୍ତି। ଅଦାଲତଙ୍କ ଏହି ରାୟକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। କେତେଜଣ ସୁବିଧାବାଦୀ ବ୍ୟକ୍ତି ଶସ୍ତା ଲୋକପ୍ରିୟତା ପାଇବା ପାଇଁ ଏପରି ମିଥ୍ୟା ମାମଲା ରୁଜୁ କରି ଜଣେ ବିଧାୟକଙ୍କ ଛବି ମଳିନ କରିବାକୁ ଚେଷ୍ଟା କରିଥିବା ସ୍ପଷ୍ଟ ହେଉଛି ବୋଲି ଆଲୋଚନା ହେଉଛି।

# ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ




ବିଜ୍ଞାନମେଳା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

ଜଟଣୀ,୬।୧୨(ରବିନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଛରାସ୍ଥ ସୁଶୀଳା ଦେବୀ ପ୍ରଗତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡା ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ରୂପେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ରୂପେ ପ୍ରଫେସର ଦେବସ୍ମିତା, ନାଇଜର ପ୍ରାଣୀ ବିଜ୍ଞାନୀ ପି.ଏଲୋନୀ ଏବଂ ସମ୍ମାନିତ ଅତିଥି ରୂପେ ଡିଆଇଇଟି ଖୋର୍ଦ୍ଧାର ଅଧ୍ୟକ୍ଷ ଡ. ତାପସ କୁମାର ନାୟକ ଏବଂ ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ମଙ୍ଗରାଜ ମଞ୍ଚାସୀନ ଥିଲେ। ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜଟଣୀ ନଗରପାଳ ଅନନ୍ତ ବେହେରା ଓ ମୁଖ୍ୟ ବକ୍ତା ରୂପେ ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ ବୁଦ୍ଧିମାନ ପ୍ରଧାନ, କାଉନସିଲର କୃଷ୍ଣଚନ୍ଦ୍ର ନାୟକ, ରଞ୍ଜିତା ବେହେରା ଏବଂ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂଙ୍କ ସମେତ ଏବିଇଓ ଏବଂ ସିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ବେହେରା, ବିଭୂତି ଭୂଷଣ ଜେନା ଓ ପ୍ରମିଳା ସାହୁ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଲବଣଗିରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱାଗତ ଭାଷଣ ଦେଇଥିଲେ। ଜଟଣୀ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୮୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସିଆର୍‌ସିସି ରଶ୍ମିତା ନାୟକ ଏବଂ ପ୍ରଧାନ ଶିକ୍ଷୟତ୍ରୀ ଦୀପ୍ତିବାଳା ସାହୁ ଧନ୍ୟବାଦ ଦେଇଥିଲେ।

## ଖୋର୍ଦ୍ଧାରୋଡ ରେଳମଣ୍ଡଳ ପକ୍ଷରୁ ମହାପରିନିର୍ବାଣ ଦିବସ

ଜଟଣୀ,୬।୧୨(ରବିନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳମଣ୍ଡଳ ପକ୍ଷରୁ ବୁଧବାର ଭାରତ ରତ୍ନ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ମୃତ୍ୟୁବାର୍ଷିକୀ 'ମହାପରିନିର୍ବାଣ ଦିବସ' ଭାବେ ପାଳନ କରାଯାଇଛି। ଏହି ଅବସରରେ ଭାରତୀୟ ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ଏଚ. ଏସ୍. ବଜୱା, ସମସ୍ତ ବିଭାଗୀୟ ଅଧିକାରୀ ଏବଂ ରେଳ କର୍ମଚାରୀମାନେ ଆମ୍ବେଡକରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ନୀତି ଆଦର୍ଶକୁ ମନେ ପକାଇଥିଲେ।



ଆମ୍ବେଡକରଙ୍କ ପ୍ରତି ଏଚ. ଏସ୍. ବଜୱା ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

## ମଇଁଷି ବୋଝେଇ କଣ୍ଟେନର ଜବତ



ନିରାକାରପୁର, ୬।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପୋଲିସ ୧୬ନଂ. ଜାତୀୟ ରାଜପଥ ରାମେଶ୍ୱର ଛକ ନିକଟରୁ ମଙ୍ଗଳବାର ରାତିରେ ଏକ ମଇଁଷି ବୋଝେଇ କଣ୍ଟେନର(ଏଚ୍‌ଆର୍ -୫୫-ଏମ-୪୫୮୬)କୁ ଜବତ କରିଛି। ଗିରଫ ଭୟରେ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। କଣ୍ଟେନରରେ ଥିବା ୫୬ ମଇଁଷିକୁ ପୋଲିସ ଉଦ୍ଧାର କରି ବୋଲଗଡ଼ସ୍ଥିତ ଜସ୍ୱିନୀ ଗୋଶାଳାରେ ଛାଡ଼ିଛି। ଏନେଇ ସ୍ଥାନୀୟ ଥାନାରେ ୩୧୧/୨୩ରେ ଏକ ମୋକଦ୍ଦମା ରୁଜୁ ହୋଇଛି। ମଇଁଷିକୁ କେଉଁଠାରେ କେଉଁଠାକୁ ନିଆଯାଉଥିଲା ସେନେଇ ତଦନ୍ତ ଚାଲିଥିବା ଥାନାର ସବଇନ୍ସପେକ୍ଟର ଦୀପାଳିଶା ନାୟକ ସୂଚନା ଦେଇଛନ୍ତି।

## ପୂର୍ବ ଶତ୍ରୁତାରୁ ଆକ୍ରମଣ: ବାପ, ପୁଅ ଗିରଫ

ଯାଁଳା, ୬।୧୨(ବୁଲା ବାରିକ)

ଜମିଜମା ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ବାପ ପୁଅଙ୍କୁ ବୁଧବାର ଇନ୍‌ଫୋଭ୍ୟାଲି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ଗ୍ରାମର ତ୍ରିନାଥ ସ୍ୱାଇଁ ଏବଂ ଅଭିଷେକ ସ୍ୱାଇଁ।

ପୋଲିସ ସୂଚନା ମୁତାବକ, ଅଭିଯୋଗକାରୀ ପ୍ରତାପ ପ୍ରଧାନ ଏବଂ ଅଭିଯୁକ୍ତ ତ୍ରିନାଥଙ୍କ ମଧ୍ୟରେ ଜମିଜମାକୁ ନେଇ ପୂର୍ବରୁ ବିବାଦ ଲାଗିରହିଛି। ଏନେଇ ଅଦାଲତରେ ମାମଲା ମଧ୍ୟ ଚାଲିଛି। ଗତ ୨୮ତାରିଖ ସକାଳେ ପ୍ରତାପଙ୍କ ଘର ପରିସୀମା ମଧ୍ୟରେ ତ୍ରିନାଥ, ଅଭିଷେକ ଓ ତାଙ୍କର ଅନ୍ୟଜଣେ ସହଯୋଗୀ ଜୋରଜବରଦସ୍ତ ପ୍ରବେଶ କରି ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଭାଙ୍ଗିଦେବା ସହିତ ତାଙ୍କ ପରିବାର ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲେ। ପ୍ରତାପ ଓ ତାଙ୍କ ପୁଅ ବିରୋଧ କରିବାରୁ ସେମାନେ ତାଙ୍କୁ ମାଡ଼ ମାରିଥିଲେ। ତାଙ୍କ ପାଟି ଶୁଣି ଦୁଇଝିଅ ଏବଂ ସ୍ତ୍ରୀ ଉଦ୍ଧାର କରିବା ଲାଗି ଆସିଥିବାବେଳେ ତିନିଜଣ ଯାକ ଉଭୟ ଝିଅଙ୍କୁ ଟଣାଓଟରା କରିବା ସହିତ ସ୍ତ୍ରୀଙ୍କୁ ଲାଠିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସ୍ତ୍ରୀ ଆହତ ହୋଇଥିଲେ। ଏନେଇ ପ୍ରତାପ ଇନଫୋଭ୍ୟାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଏକ ବିଶସ୍ତ ସୂତ୍ରରୁ ସୂଚନା ପାଇ ଚଢାଉ କରି ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତଦ୍ୱୟ ସେମାନଙ୍କ ଦୋଷ ସ୍ୱୀକାର କରିଥିଲେ।

# 'ଶେଫାଳିର ମହକ'ରେ କୁନ୍ତଳା କୁମାରୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୬।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ଗଙ୍ଗଶିଉଳି ରାତିରେ ଫୁଟି ସକାଳକୁ ଝଡ଼ିଯାଇଥାଏ ସତ ମାତ୍ର ରାତିକ ମଧ୍ୟରେ ତା'ର ମହକରେ ଖେଳିଯାଏ ଚତୁର୍ଦ୍ଦିଗ। ସେହି ଗଙ୍ଗଶିଉଳିକୁ ନେଇ ଶେଫାଳି ପ୍ରତି କବିତାରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ଭାବପୂର୍ଣ୍ଣ ପଦପଂକ୍ତି ଅତ୍ୟନ୍ତ ହୃଦୟସ୍ପର୍ଶୀ। ମାତ୍ର ୩୭ ବର୍ଷର ଆୟୁଷ ନେଇ ଆସିଥିବା ଏହି ମହିୟସୀ ନାରୀ ଜଣକ ଏକଧାରରେ ଥିଲେ କବି, ସାହିତ୍ୟିକା, ସମାଜସେବୀ, ସଂଗ୍ରାମୀ ତଥା ଓଡ଼ିଶାର ପ୍ରଥମ ମହିଳା ଡାକ୍ତର। ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ସେ ଥିଲେ ନାରୀଶିକ୍ଷା ଓ ନାରୀ ସ୍ୱାଧୀନତାର ପ୍ରତିନିଧି। ତାଙ୍କର ସୀମିତ ଜୀବନକାଳ ମଧ୍ୟରେ ସମାଜ ପ୍ରତି ଯେଉଁ ଚିନ୍ତା ଓ ଚେତନାର ସୌଧ ନିର୍ମାଣ କରିଛନ୍ତି ତାର ପଟ୍ଟାନ୍ତର ନାହିଁ ବୋଲି ଅତିଥିମାନେ କହିଛନ୍ତି। ବୁଧବାର ରବୀନ୍ଦ୍ର ମଣ୍ଡପରେ ନାଟକ 'ଶେଫାଳିର ମହକ' ମାଧ୍ୟମରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ୫ଦିନିଆ ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଏହି ନାଟକ ପରିବେଷିତ ହୋଇଥିଲା। ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ, ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ଉପସଭାପତି ମନ୍ମଥ କୁମାର ଶତପଥୀ ଓ ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇ କୁନ୍ତଳା କୁମାରୀଙ୍କ ସମ୍ପର୍କରେ କହିଥିଲେ। ନାଟ୍ୟକାର ଡ. ସଂଜୟ ହାତୀଙ୍କ ଦ୍ୱାରା ରଚିତ ଏବଂ ବିପ୍ଳବ କେଶରୀ ଶତପଥୀଙ୍କ ନିର୍ଦ୍ଦେଶନାରେ ଜଟଣୀର ଡିଭାଇନ ସଂସ୍ଥା ଦ୍ୱାରା ଏହି ନାଟକ ପରିବେଷଣ କରାଯାଇଥିଲା। ବିଭିନ୍ନ ଚରିତ୍ରରେ ସରୋଜ କୁମାର ସାମଲ, ବିପିନ ଦାଶ, ଉମାକାନ୍ତ ମୁଦୁଲି, ପଞ୍ଚାନନ ମହାପାତ୍ର, ନିରଞ୍ଜନ ବେହେରା, ଅଶୋକ କୁମାର ସେଠୀ, ସୁଧାଂଶୁ କୁଣ୍ଡୁ, ରଞ୍ଜିତ ମହାରଣା, ମନୋଜ ପ୍ରଧାନ, ସାଇ ପ୍ରସାଦ ସାମନ୍ତରାଏ, ବୀର ସ୍ୱାଧୀନ ପଟ୍ଟନାୟକ, ସୌମ୍ୟରଞ୍ଜନ ବେହେରା, ରୋଜି ମେରୀ ବେହେରା, ବୈଶାଳୀ ସାମନ୍ତରାୟ, ପ୍ରଭାସିନୀ ନୟାକ, ପ୍ରତିଭା ଦାଶ, କଳ୍ପନା ରାଉତ, ଅନନ୍ୟା ମହାପାତ୍ର, ଆଦ୍ୟାରଶ୍ମି ଶତପଥୀ ପ୍ରମୁଖ ଅଭିନୟ କରିଥିଲେ।

## ନିଆରା ପରମ୍ପରା କାଞ୍ଜିଅଁଳା ଓଷା



ନିରାକାରପୁର,୬।୧୨(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ସମେତ ଏହାର ଆଖପାଖ ଅଞ୍ଚଳରେ କାଞ୍ଜିଅଁଳା ଓଷା ପାଳିତ ହୋଇଯାଇଛି। ଏହି ଓଷାଟି ଅନ୍ୟ ପର୍ବ ପର୍ବାଣି ଅପେକ୍ଷା ଏକ ନିଆରା ଢଙ୍ଗରେ ପାଳନ କରାଯାଏ। ସାତଟି କେରାଣ୍ଡି ମାଛରେ ପ୍ରସ୍ତୁତ ଶୁଖୁଆକୁ ହଳଦୀ କପଡ଼ା ପିନ୍ଧାଯାଇ କଳା ଓ ସିନ୍ଦୂର ଲଗାଯାଇ 'ସାତ ବୋହୂ' ଭାବେ ସଜ୍ଜା ଯିବା ସହ ଧାନ ଗଛ ପୋତାଯାଇଥାଏ। ଏହାର ଚାରିପାଖରେ ପାଣି ଭର୍ତ୍ତି କରି ସେଥିରେ ଜୀବନ୍ତ ମାଛ ଛଡ଼ାଯାଏ। ଧାନଗଛ ମୂଳେ ରଖାଯାଇଥିବା ଶୁଖୁଆ ବୋହୂମାନଙ୍କୁ ଦୂବ, ବରକୋଳି ପତ୍ର, ଅରୁଆ ଚାଉଳରେ ବନ୍ଦାପନା କରିବା ସହ କାଞ୍ଜି ତୋରାଣି ଓ ବିଭିନ୍ନ ପନିପରିବା ଦ୍ୱାରା ପ୍ରସ୍ତୁତ କାଞ୍ଜି, ଭାତ, ଡାଲି, ମାଛଘାଣ୍ଟ, ମାଛ ତରକାରି, ଶାଗ, ବିଭିନ୍ନ ସବୁଜ ପନିପରିବାରେ ପ୍ରସ୍ତୁତ ଭଜା ଓ ଚକୁଳି ପୀଠା ଭୋଗ ବଢା ଯିବା ସହିତ କାଞ୍ଜି ଓଷା ବହି ଗୀତ ବୋଲାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ତେବେ ଏହି ପର୍ବ ପରିବାର ପାଇଁ ସୁସ୍ଥ ଭବିଷ୍ୟତ ସହ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ପାଳନ କରାଯାଏ ବୋଲି ଲୋକ କଥା ଥିବା କେତେକ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି।

# ପୁନରୁଦ୍ଧାର ଅପେକ୍ଷାରେ ଗୌରଚରଣଙ୍କ ସ୍ମୃତିପୀଠ

ବେଗୁନିଆ,୬।୧୨(ହର ପ୍ରସନ୍ନ ପଣ୍ଡା)





କବି ଦ୍ୱିଜ ଗୌରଚରଣ ଅଧିକାରୀ ଜନସାଧାରଣଙ୍କ ମାନସ ପଟରେ ଉଭେଇ ଯିବାକୁ ବସିଛନ୍ତି। ଏପରିକି ତାଙ୍କର ସ୍ମୃତି ପୀଠ ମଧ୍ୟ ମାଟିରେ ଲୀନ ହେବାକୁ ବସିଛି। ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ଅଖୋଜା ଅଲୋଡ଼ା ହୋଇ ପଡ଼ିରହିଛି ପୀଠରେ ଥିବା ତାଙ୍କର ପ୍ରତିମୂର୍ତ୍ତି। ପ୍ରଚାର ନାହିଁ କି ପ୍ରସାର ନାହିଁ, ପ୍ରଶାସନର ମଧ୍ୟ ଆନ୍ତରିକତା ନାହିଁ। ଫଳରେ ହିନ୍ଦୁ ଧର୍ମର ଅନ୍ୟତମ ଗ୍ରନ୍ଥ 'କୃଷ୍ଣଲୀଳା' ରଚୟିତା ବୈଷ୍ଣବ କବି ଗୌରଚରଣଙ୍କ ପରିଚୟ ଲୋକାଦୃତି ଏବେ ହରାଇବାକୁ ବସିଛି। ଓଡ଼ିଶାର ଧାର୍ମିକ ଭାବଧାରାକୁ ଲେଖନୀ ଚାଳନାରେ ଦେଶରେ ପରିଚିତ କରାଇଥିବା ବୈଷ୍ଣବ କବି ଗୌରଚରଣଙ୍କୁ ମନେ ପକାଇବାକୁ ରାଜ୍ୟ ସରକାର, ଜିଲା ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିମାନେ କୌଣସି ତତ୍ପରତା ଦେଖାଉନାହାନ୍ତି। ତାଙ୍କର ସ୍ମୃତିରକ୍ଷା ପାଇଁ ଓ ପ୍ରତିମୂର୍ତ୍ତିକୁ ସାଇତି ରଖିବାକୁ ବାସଗୃହକୁ ମରାମତି ହୋଇପାରି ନାହିଁ। କେବଳ ଭୋଟ ସମୟ ଆସିଲେ ପ୍ରାର୍ଥୀଙ୍କ ପକ୍ଷରୁ ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ମିଳୁଛି। ବିଜୟ ପରେ ଗ୍ରାମବାସୀଙ୍କ ପକ୍ଷରୁ ପୁନରୁଦ୍ଧାର ପାଇଁ ଦିଆଯାଉଥିବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦିଆଯାଇଛି ବୋଲି ଗ୍ରାମ୍ୟ କମିଟି ସଭାପତି ଅଜିତ ପଟ୍ଟନାୟକ ଏବଂ ସଭ୍ୟ ଦିବାକର ମହାପାତ୍ରଙ୍କ ସହିତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି, ଗୌରଚରଣ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଲେହଙ୍ଗ ଗ୍ରାମରେ ୧୮୧୪ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବାଲ୍ୟ ନାମ ଥିଲା ପଦ୍ମଚରଣ। ୧୮୨୯ରେ ବୈଷ୍ଣବ ଧର୍ମ ଗ୍ରହଣ କରିବା ପରେ ତାଙ୍କ ନାମ ଦ୍ୱିଜ ଗୌରଚରଣ ଅଧିକାରୀ ହୋଇଥିଲା। ହିନ୍ଦୁ ଧର୍ମ ଉପରେ ବହୁ ଗ୍ରନ୍ଥ କବିତା ଆକାରରେ ରଚନା କରି ବୈଷ୍ଣବ କବି ଭାବରେ ଖ୍ୟାତି ଅର୍ଜନ କରିଥିଲେ। ଶେଷରେ କୃଷ୍ଣଲୀଳା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ୩୧୭ ଛାନ୍ଦ ଓ ୩୬୫ଟି ଗୀତର ସମାହାରକୁ ନେଇ ଗୌରଚରଣ 'କୃଷ୍ଣଲୀଳା' ଲେଖିଥିଲେ। ଯେଉଁଥିରେ କୃଷ୍ଣଙ୍କ ବାଲ୍ୟଲୀଳାକୁ ଅତି ସୁନ୍ଦର ଭାବରେ ସେ ଉପସ୍ଥାପନା କରିଥିଲେ। କୃଷ୍ଣଙ୍କ ଜନ୍ମଠାରୁ କଂସ ବଧ ପର୍ଯ୍ୟନ୍ତ ସମସ୍ତ କଥା ଛାନ୍ଦରେ ପ୍ରତିଫଳିତ ହୋଇଛି। ସେହିପରି ଲକ୍ଷ୍ମୀ ନାରାୟଣ କଳି, ଗୌରଚରଣ ପଦ୍ୟାବଳୀ, ଗୌରଚରଣ ଭଜନ ଶତକ ଆଦି ବହୁ ପୁସ୍ତକ ବେଶ ଲୋକପ୍ରିୟତା ହାସଲ କରିଛି। ଏହା ବ୍ୟତୀତ ଓଡ଼ିଆ ଏବଂ ବଙ୍ଗଳାରେ ଚୈତନ୍ୟ କୀର୍ତ୍ତନ, ସଂକୀର୍ତ୍ତନ ମଣ୍ଡଳୀ ଆଦି ବହୁ ପୁସ୍ତକ ସେ ରଚନା କରିଛନ୍ତି। ୧୮୯୦ରେ ପୁରୀର ସିଦ୍ଧ ବ୍ରହ୍ମମଠରେ ସେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କୁ ମନେ ପକାଇବାକୁ ତାଙ୍କର ଶ୍ରଦ୍ଧାଳୁ ପ୍ରତିବର୍ଷ କାର୍ତ୍ତିକ ମାସ ପଞ୍ଚକ ସମୟରେ ଲେହଙ୍ଗ, ସିମୋର, ପଣସବସ୍ତ ସହିତ ଅନେକ ଗ୍ରାମରେ କୃଷ୍ଣଲୀଳାରୁ ଆଧାରିତ ନାଚ, ଗୀତ ଗପ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ୩-୫ଦିନ ଧରି ପାଳନ କରୁଛନ୍ତି। ମାତ୍ର ସମୟାନୁକ୍ରମେ ଅତ୍ୟାଧୁନିକତାର ସ୍ପର୍ଶରେ ଧର୍ମଗ୍ରନ୍ଥ ପ୍ରତି ଲୋକଙ୍କ ଆଗ୍ରହ କମିବା ସହ ଭକ୍ତ କବିଙ୍କୁ ଭକ୍ତି ନାହିଁ ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ଗୀତା, ଭାଗବତର ପ୍ରଚାରପ୍ରସାର ପାଇଁ ଉଦ୍ୟମ ଜାରି ରଖିଥିବାବେଳେ ଏହି ପ୍ରମୁଖ ଧର୍ମଗ୍ରନ୍ଥ ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳ ବାସୀ ନିବେଦନ କରିଛନ୍ତି।

## ସଂକ୍ଷେପରେ

### 'ରାଧାନାଥ ଥିଲେ ସକାରାତ୍ମକ ଚିନ୍ତାଧାରାର ମଣିଷ'

ଖୁଣ୍ଟୁଣୀ/ଚୌଦ୍ୱାର,୬।୧୨ (ସଚ୍ଚିଦାନନ୍ଦ ପଣ୍ଡା/ଆଶୁତୋଷ ଦାସ)

ସ୍ୱାଧୀନତା ସଂଗ୍ରାମୀ, ବର୍ଷୀୟାନ ସାମ୍ବାଦିକ, ଲୋକସେବକ ମଣ୍ଡଳର ପୂର୍ବତନ ସଭାପତି, ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରବିନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଅଧ୍ୟାପକ ସୁରେନ୍ଦ୍ର କୁମାର ପେଣ୍ଡୋଇ ଯୋଗଦେଇ ଡ. ରଥଙ୍କ ସ୍ମୃତିଚାରଣ କରିଥିଲେ। ଅଧ୍ୟାପକ ଗୋବର୍ଦ୍ଧନ ବେଉରା ଧନ୍ୟବାଦ ଦେଇଥିଲେ।

ସେହିପରି ଚୌଦ୍ୱାରସ୍ଥିତ ଶିଶୁ ସଦନରେ ରାଧାନାଥ ରଥଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାମ୍ବାଦିକ ରମେଶ ଚନ୍ଦ୍ର ସାମଲଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ପ୍ରେସ୍‌କ୍ଲବ୍‌ର ସଭାପତି ଦାମୋଦର ସାହୁ ଯୋଗଦେଇ ରାଧାନାଥ ଜଣେ ସକାରାତ୍ମକ ଚିନ୍ତାଧାରାର ମଣିଷ ଥିଲେ ବୋଲି କହିଥିଲେ। ସଂଘର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ, ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, କାଉନସିଲର ଆଶୁତୋଷ ଦାସ, ସାମ୍ବାଦିକ ପ୍ରକାଶ କୁମାର ନାୟକ, ସୁଧାକର ସାମନ୍ତରାୟ, ବିଶ୍ୱଜିତ୍ ଭଞ୍ଜ, ଅଶୋକ କୁମାର ଦାସ, ବିମଳ କୁମାର ବେଉରା, ପ୍ରଦୀପ କୁମାର ଦାସ, ଅଲେଖ ଚନ୍ଦ୍ର ମଲ୍ଲିକ, ଜୟଶ୍ରୀ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିଶୁ ସଦନର ଅନ୍ତେବାସୀଙ୍କ ଦ୍ୱାରା ସମୂହ ବେଦ ଆବୃତ୍ତି, ଗୀତାପାଠ, ସର୍ବଧର୍ମ ପ୍ରାର୍ଥନା, ଭଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବି.ଆର୍.ଆମ୍ବେଡକରଙ୍କ ମହାପ୍ରୟାଣ ଦିବସ ପାଳିତ

କଟକ ସଦର,୬।୧୨ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାସ୍ଥିତ ବେଣ୍ଟକାରଠାରେ ବୁଧବାର ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। କଟକ ସଦର ଆମ୍ବେଦକର ଉନ୍ନୟନ ପରିଷଦର ସଭାପତି ରାମଚନ୍ଦ୍ର ଗୋଚ୍ଛାୟତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଭାତ କୁମାର ଖଟୁଆ, ପ୍ରାଣକୃଷ୍ଣ ଭୋଇ, ମଧୁସୂଦନ ସେନାପତି, ସୁବ୍ରତ ଦାସ, ଦୁର୍ଗାଶଙ୍କର ଦାଶ, ଉଗ୍ରସେନ ଭୂୟାଁ, ନିହାର ରଞ୍ଜନ ନନ୍ଦ ଯୋଗଦେଇଥିଲେ। ଅନିଲ ଦାସ ଧନ୍ୟବାଦ ଦେଇଥିଲେ।

### ଓଟିଏମ୍ ଭିତ୍ତିଭୂମିରେ ପ୍ରତିଷ୍ଠା ହେବ ସମନ୍ୱିତ ବୟନ ଶିଳ୍ପ

ଚୌଦ୍ୱାର,୬।୧୨ (ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ବନ୍ଦ ଓଡ଼ିଶା ଟେକ୍ସଟାଇଲ ମିଲ୍ସ(ଓଟିଏମ୍)ର ଭିତ୍ତିଭୂମି ଉପରେ ସମନ୍ୱିତ ବୟନ ଶିଳ୍ପ ପ୍ରତିଷ୍ଠା ହେବ। ଫଳରେ ସ୍ଥାନୀୟ ଅଞ୍ଚଳର ବହୁ ଲୋକ କାମ ପାଇବେ। ଏ ନେଇ ଗାନ୍ଧୀଛକସ୍ଥିତ ପୌର ଟାଉନ୍ ହଲ୍‌ରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ କହିଛନ୍ତି, ଓଟିଏମ୍‌ର ୫୨୨ ଏକର ଜମିରେ ଏକ ସମନ୍ୱିତ ବୟନ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି। ଦେଶର ପ୍ରତିଷ୍ଠିତ ୱେଲସ୍ପନ୍ କମ୍ପାନୀ ୩୦୦୦ କୋଟି ଟଙ୍କା ବ୍ୟୟରେ ଉକ୍ତ ଶିଳ୍ପ ପ୍ରତିଷ୍ଠା କରିବ। ସେଠାରେ ୧୦ ହଜାର ଲୋକ ପ୍ରତ୍ୟକ୍ଷରେ ନିଯୁକ୍ତି ପାଇବା ସହିତ ଆଉ ୧୦ ହଜାର ଲୋକ ପରୋକ୍ଷ ଭାବେ କାର୍ଯ୍ୟ ପାଇବେ ବୋଲି ବିଧାୟକ ସୂଚନା ଦେଇଥିଲେ। ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ। ଓଟିଏମ୍ ଭିତ୍ତିଭୂମି ଉପରେ ବିକଳ୍ପ ଶିଳ୍ପ ପ୍ରତିଷ୍ଠା ପାଇଁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ବିଧାନସଭାରେ ବାରମ୍ବାର ଆଲୋଚନା କରିଥିବା ଏବଂ ଏଥିପାଇଁ ନିରନ୍ତର ପ୍ରୟାସ କରିଥିବା ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ସେ କୃତଜ୍ଞତା ଜଣାଇଥିଲେ। ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ନଗର ବିଜେଡ଼ି ସଭାପତି ବିଷ୍ଣୁ ଚରଣ ପରିଡ଼ା, ଓଟିଏମ୍ ଶ୍ରମିକ ସଂଗଠନ ସଭାପତି ଜଗନ୍ନାଥ ବେଉରା, କଟକ ଡେପୁଟି ମେୟର ଦମୟନ୍ତୀ ମାଝି ପ୍ରମୁଖ ସମନ୍ୱିତ ବୟନ ଶିଳ୍ପ ପ୍ରତିଷ୍ଠା ପାଇଁ ଐତିହାସିକ ନିଷ୍ପତ୍ତି ନେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ସମ୍ମିଳନୀରେ ବହୁ କାଉନସିଲରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବାଲିଯାତ୍ରା ଖର୍ଚ୍ଚରେ ଅନିୟମିତତା

କଟକ,୬।୧୨ (ସୁପ୍ରିୟା ପ୍ରିୟଦର୍ଶିନୀ)

**ଫ୍ଲପ୍ ଫାୟାର ଶୋ' ପାଇଁ ୨୭.୭୩ ଲକ୍ଷ**



କଟକ ବାଲିଯାତ୍ରା ମଙ୍ଗଳବାର ଶେଷ ହୋଇଛି। ହେଲେ ଏହାର ଖର୍ଚ୍ଚକୁ ନେଇ ଏବେ ହିସାବ କରାଯିବ। ଇତିମଧ୍ୟରେ କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ବଦଳି ଆଉ ଏକ ଚର୍ଚ୍ଚାର ବିଷୟ ପାଲଟିଛି। ଚଳିତବର୍ଷ ବାଲିଯାତ୍ରାରେ ବିଭିନ୍ନ କାର୍ଯ୍ୟ ପାଇଁ ସିଏମ୍‌ସି ପକ୍ଷରୁ ପ୍ରାୟ ୫ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଥିଲା। ଅସ୍ଥାୟୀ ଶୌଚାଳୟ ଭଡାରେ ଆଣିବା ପାଇଁ ୧୯ ଲକ୍ଷ, ଶୋଭାଯାତ୍ରା ବାବଦକୁ ୬୮ ଲକ୍ଷ ୪୪ ହଜାର, ସ୍ୱାଗତ ତୋରଣ ନିମନ୍ତେ ୩୨ ଲକ୍ଷ ୪୫ ହଜାର, ୱାଲ୍ ଆର୍ଟ ପାଇଁ ୧୦ ଲକ୍ଷ ୩ ହଜାର, ସେଲ୍ଫି ପଏଣ୍ଟ ନିମନ୍ତେ ୮ ଲକ୍ଷ ୨୬ ହଜାର, ରୋଡ୍ ସାଇଡ ବ୍ରଣ୍ଡିଂ ପାଇଁ ୪ ଲକ୍ଷ ୧୩ ହଜାର, ସବୁଜ ବାଣ ଶୋ' ନିମନ୍ତେ ୨୭ ଲକ୍ଷ ୭୩ ହଜାର ଟଙ୍କାର ଟେଣ୍ଡର ଦିଆଯାଇଥିଲା। ସର୍ବାଧିକ ଡିଜିଟାଲ ଶୋ' ପାଇଁ ୧କୋଟି ୮୧ ଲକ୍ଷ ୭୨ ହଜାର ଟଙ୍କାର ବଜେଟ୍ ଥିଲା। ସେହିପରି ବାଲିଯାତ୍ରାରେ ଧୂଳି ନ ଉଡିବା ପାଇଁ ପାଣି ସହ କେମିକାଲ ମିଶାଇ ସ୍ପ୍ରେ ନିମନ୍ତେ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏତେ ଟଙ୍କା ଖର୍ଚ୍ଚ କରାଯାଇଥିବା ସତ୍ତ୍ୱେ ଲୋକଙ୍କୁ ସେଭଳି ଆକୃଷ୍ଟ କରିପାରି ନ ଥିଲା। ଏହାକୁ ନେଇ କର୍ପୋରେଟରମାନେ କର୍ତ୍ତୃପକ୍ଷଙ୍କୁ ଘେରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମହାନଦୀ କୂଳରେ ୧୦ରୁ ୧୫ ମିନିଟ୍ ପାଇଁ ବାଣ ଫୁଟିଥିଲା। ହେଲେ ଲୋକଙ୍କ ଆଶା ଅନୁଯାୟୀ ବାଣ ଦେଖିବାକୁ ମିଳି ନ ଥିଲା। ଫ୍ଲପ୍ ଫାୟାର ଶୋ' ପାଇଁ ୨୭ ଲକ୍ଷ ବ୍ୟୟ ଅଟକଳ କରି ସାଧାରଣ ଲୋକଙ୍କ ଟଙ୍କାକୁ ଆତ୍ମସାତ କରାଯାଇଛି ବୋଲି କର୍ପୋରେଟର ଗଗନ ଓଝା କହିଛନ୍ତି। ସେହିପରି କର୍ପୋରେଟର ସନ୍ତୋଷ ଭୋଳ କହିଛନ୍ତି, ଯେତିକି ଖର୍ଚ୍ଚ ହେଉନାହିଁ ତାହାଠାରୁ ୧୦ ଗୁଣା ଅଧିକ ବଜେଟ ପ୍ରସ୍ତୁତ ହେଉଛି। ଯାହା ବିଭିନ୍ନ ଲୋକଙ୍କ ପକେଟ୍‌ରେ ପଶୁଛି। ଏଥିରେ ଅନିୟମିତତା ହୋଇଥିବା ସ୍ପଷ୍ଟ ବାରି ହୋଇପଡୁଛି ବୋଲି ସେ କହିଛନ୍ତି। ଏନେଇ ମେୟର ଏବଂ କମିଶନର ଉତ୍ତରଦାୟୀ ହେବା ଆବଶ୍ୟକ। ଅନ୍ୟପକ୍ଷରେ ସିଏମ୍‌ସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ବଦଳି ବିଜ୍ଞପ୍ତି ପରେ ଅନେକ ଚର୍ଚ୍ଚା ସାମ୍ନାକୁ ଆସୁଛି। କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାନ୍ଧରେ ସବୁ ଦୋଷ ଲଦି ଦେବାକୁ ଯୋଜନା ଥିଲେ ଏହାକୁ ସଫଳ ହେବାକୁ ଦେବୁନି ବୋଲି କର୍ପୋରେଟରମାନେ ମତବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, ସବୁ କାର୍ଯ୍ୟ ସ୍ୱଚ୍ଛତାର ସହିତ ହୋଇଛି। ବାଲିଯାତ୍ରା ଆସିଲେ କର୍ପୋରେଟର ଅଭିଯୋଗ ଆଣନ୍ତି, ହେଲେ ସେଥିରେ ସତ୍ୟତା ନାହିଁ। ବାଲିଯାତ୍ରାରେ ହୋଇଥିବା କାର୍ଯ୍ୟକୁ ନେଇ ସ୍ୱତନ୍ତ୍ର କମିଟି ଗଠନ ହୋଇଛି। କମିଟି ତାହା କାମ କରିବ। କମିଟିର ରିପୋର୍ଟ ଆଧାରରେ ବିଲ୍ ପ୍ରସ୍ତୁତ ହେବ।



ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ ଅବସରରେ ବୁଧବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଆଦିତ୍ୟ କୁମାର ମହାନ୍ତିଙ୍କୁ ରାଧାନାଥ ରଥ ସେବାରତ୍ନ ସମ୍ମାନ ପ୍ରଦାନ କରାଯାଉଛି।

# ପୁଞ୍ଜିନିବେଶକାରୀଙ୍କ ପାଇଁ ଓଡ଼ିଶା ଭୂସ୍ୱର୍ଗ ପାଲଟିଛି



ଭୁବନେଶ୍ୱର,୬।୧୨ (ଅନୁରାଧା ମହାରଣା)

ଦିନ ଥିଲା ଓଡ଼ିଶାରେ ଦ୍ୱିତୀୟ ଇସ୍ପାତ ଶିଳ୍ପ ପ୍ରତିଷ୍ଠା କରିବାକୁ ଚିନ୍ତା କରାଯାଉଥିଲା। ଏବେ ସେ ଦିନ ଆଉ ନାହିଁ। ରାଜ୍ୟରେ ବ୍ୟବସାୟର ଚିତ୍ରପଟ୍ଟ ବଦଳିଯାଇଛି। ଭାରତର ୬୦ ପ୍ରତିଶତ କୋଇଲା ଆବଶ୍ୟକତାକୁ ଓଡ଼ିଶା ମେଣ୍ଟାଉଛି। ସେହିପରି ଭାରତରେ ୩୦୦ ମେଟ୍ରିକ ଟନ୍ ଆଲୁମିନିୟମର ଆବଶ୍ୟକତା ଥିବାବେଳେ ଓଡ଼ିଶା ୧୦୦ ମେଟ୍ରିକ ଟନ୍ ଯୋଗାଉଛି। ପୁଞ୍ଜିନିବେଶ କରିବା ପାଇଁ ଶିଳ୍ପପତିମାନେ ଏଠାରେ ଧାଡ଼ି ଲଗାଉଛନ୍ତି। କେବଳ ଶିଳ୍ପ ନୁହେଁ, ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଆଗରେ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ବିକାଶ ଦିଗରେ ଅଗ୍ରସର ହେଉଛି। ପୁଞ୍ଜିନିବେଶକାରୀଙ୍କ ପାଇଁ ଓଡ଼ିଶା ଭୂସ୍ୱର୍ଗ ପାଲଟିଛି। ଏସ୍‌ଏମ୍‌ବି କନେକ୍ଟ ଏବଂ ଓଡ଼ିଶା ଶିଳ୍ପ ସଂଘର ଏହି ମିଳିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଓଡ଼ିଶା ଶିଳ୍ପ ସଂଘ ଏବଂ ଏସ୍‌ଏମ୍‌ବି କନେକ୍ଟ ବ୍ୟବସାୟୀଙ୍କୁ ଏକ ଉତ୍ତମ ପରିବେଶ ପ୍ରଦାନ କରୁଛି ବୋଲି ସେ କହିଥିଲେ। ବ୍ୟବସାୟ କରିବା ନିମନ୍ତେ ଆଧୁନିକ ଜ୍ଞାନକୌଶଳ ବୃଦ୍ଧି କରିବାକୁ ହେବ। ଏହା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କରିଦେଖାଇବା ସହ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଶିଳ୍ପ ସଂଘର ସଭାପତି ସୁଶାନ୍ତ କୁମାର ପଣ୍ଡା, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପରାମର୍ଶଦାତା ଦୁର୍ଗାପ୍ରସାଦ ସାମନ୍ତରାୟ, କୁଓର ବେର ପ୍ରତିଷ୍ଠାତା ପ୍ରିୟଦର୍ଶୀ ମହାପାତ୍ର, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଡିନ୍ ଡ. ଦିନ୍‌ଦୟାଲ ସ୍ୱାଇଁ, ଟାଟା ପାୱାରର ଚ୍ୟାନେଲ ସେଲ୍‌ସ ମ୍ୟାନେଜର ଭକ୍ତି ବି. ପରିଡ଼ା, ଏସ୍‌ଏମ୍‌ବି କନେକ୍ଟର ପ୍ରକଳ୍ପ ପରିଚାଳକ ଅମ୍ବିକା ଯାଦବ, ଏସ୍‌ଏମ୍‌ବି କନେକ୍ଟର ପ୍ରତିଷ୍ଠାତା ନିର୍ଦ୍ଦେଶକ ସନ୍ଦୀପନ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିଳ୍ପୋଦ୍ୟୋଗୀ ବିନୋଦ ଭୂତଙ୍କ ସମେତ ଓଡ଼ିଶାର ଅନେକ ଶିଳ୍ପୋଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କାର୍ତ୍ତିକେଶ୍ୱର ଭସାଣି ଉତ୍ସବ

ଖୁଣ୍ଟୁଣୀ,୬।୧୨ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଅଞ୍ଚଳରେ କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦୁର୍ଗାବଜାର ପୂଜା କମିଟି ପକ୍ଷରୁ ଅପରାହ୍ନ ୨ଟାରେ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ଶୋଭାଯାତ୍ରାରେ ବାହାରିଥିଲା। ପରେ କ୍ରମାନ୍ୱୟରେ ମଝିସାହିର ମା'ମଙ୍ଗଳା ପୂଜା କମିଟି, ନୂଆବଜାର, ଶାନ୍ତିବଜାର, ଗଣେଶବଜାର, ଲକ୍ଷ୍ମୀବଜାର, ମହାଦେବ ସାହି, ତଳସାହି, ଜଗନ୍ନାଥ ବଣିକ ସଂଘ, ତ୍ରିନାଥ ସାହି, ଜଗନ୍ନାଥ ସାହି ଆଦି ୧୯ଟି ମଣ୍ଡପର ମେଢ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସମସ୍ତ ମେଢ଼ ଖୁଣ୍ଟୁଣୀ ବଜାର ଓ ଗ୍ରାମ ପରିକ୍ରମା କରିଥିଲା। ମା' ଦୁର୍ଗା ଏବଂ ମା' ମଙ୍ଗଳାଙ୍କ ମେଢ଼ ଆଗରେ ଗ୍ରାମର ବହୁ ଶ୍ରଦ୍ଧାଳୁ ନୂତନ ବସ୍ତ୍ର ପାହାଡ଼ା ପକାଇଥିଲେ। ଦୁର୍ଗା ବଜାର ପୂଜା କମିଟି ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା। ମେଢଗୁଡିକ ସ୍ଥାନୀୟ ଦଣ୍ଡା ଫୁଙ୍କାର ଓ ବଡ ଜୋରରେ ବିସର୍ଜନ କରାଯାଇଥିଲା। ଭସାଣି ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଓ ଖୁଣ୍ଟୁଣୀ ବଜାରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆଙ୍କ ନେତୃତ୍ୱରେ ୧ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

# ସିଟି ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ

କଟକ, ୬।୧୨ (ଶିଳ୍ପା ପ୍ରିୟଦର୍ଶିନୀ)

**ବଣଭୋଜି ପାଇଁ ଡାକ୍ତର ଯାଇଥିବା କହି ରୋଗୀଙ୍କୁ ଫେରାଇଦେଲେ**

କଟକ ସିଟି ହସ୍ପିଟାଲରେ ବୁଧବାର ରୋଗୀସେବା ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଥିଲା। ସକାଳେ କେତେଜଣ ରୋଗୀ ଅଲଟ୍ରାସାଉଣ୍ଡ ପାଇଁ ହସ୍ପିଟାଲକୁ ଆସିଥିଲେ। ହେଲେ ସେଠାରେ ଥିବା କର୍ମଚାରୀ ଡାକ୍ତର ବଣଭୋଜି କରିବାକୁ ଯାଇଥିବା କହି ରୋଗୀଙ୍କୁ ଫେରାଇ ଦେଇଥିଲେ। ଫଳରେ ରୋଗୀମାନେ ନିରାଶ ହୋଇ ଫେରିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଲଟ୍ରାସାଉଣ୍ଡ ପାଇଁ ନିୟୋଜିତ ଡାକ୍ତର ବିଧିବଦ୍ଧ ଭାବେ ଛୁଟିରେ ଥିବାବେଳେ ତାଙ୍କ ନାଁରେ ଅପପ୍ରଚାର କରାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

କଟକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜିଲାର ବିଭିନ୍ନ ଅଞ୍ଚଳରୁ ରୋଗୀମାନେ ଚିକିତ୍ସା ପାଇଁ ଆସିଥାନ୍ତି। ପ୍ରତିଦିନ ମାନସିକ, ଦନ୍ତ, ମେଡ଼ିସିନ, ସ୍ତ୍ରୀ ଓ ପ୍ରସୂତି, ଅର୍ଥୋପେଡ଼ିକ, ଇଏନ୍‌ଟି, ଚର୍ମ ବିଭାଗ ଓପିଡ଼ି ଖୋଲା ରହିଥାଏ। ହେଲେ ଅଲଟ୍ରାସାଉଣ୍ଡ ନିମନ୍ତେ ନିୟୋଜିତ ଡାକ୍ତର ବୁଧବାର ବଣଭୋଜି କରିବାକୁ ଯାଇଥିବା କହି ଫେରାଇ ଦିଆଯାଇଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା କହିଛନ୍ତି, ସିଟି ହସ୍ପିଟାଲକୁ ବଦ୍‌ନାମ କରିବା ପାଇଁ ଉଦ୍ୟମ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗକୁ ଏ ନେଇ ଅବଗତ କରାଯାଇଛି। ଏଭଳି ଅପପ୍ରଚାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କିଶନନଗର ଥାନାରେ କର୍ମଚାରୀ ଅଭାବ

କଟକ ସଦର,୬।୧୨ (ସୁଶାନ୍ତ କୁମାର ଜେନା)

କଟକ ଜିଲା କିଶନ ନଗର ଥାନାରେ କର୍ମଚାରୀଙ୍କ ଅଭାବ ରହିଛି। ଫଳରେ ଉକ୍ତ ଥାନା ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ଠିକ୍ ଭାବେ ହୋଇପାରୁନାହିଁ। ଥାନାରେ ଏସ୍‌ଆଇ, କନ୍‌ଷ୍ଟେବଲ୍ ଓ ହୋମ୍‌ଗାର୍ଡ ପଦବୀ ଖାଲି ରହିବା ଯୋଗୁ ସମସ୍ୟା ଅଧିକ ମାତ୍ରାରେ ବଢିଯାଇଛି। କର୍ମଚାରୀ ଅଭାବରୁ କିଶୋର ନଗର ବଜାର, ଗଡ଼ମା, ତେଲଦିଆ ବଜାରରେ ରାତିରେ ହୋମ୍‌ଗାର୍ଡଙ୍କୁ ନିୟୋଜିତ କରାଯାଇପାରୁନାହିଁ। ଏହାଛଡା ରାତିରେ ନଦୀ, ନାଳ ଘେରା ଅଞ୍ଚଳରେ ପାଟ୍ରୋଲିଂ ପାଇଁ ପିସିଆର ଗାଡ଼ିର ଅଭାବ ରହିଛି। ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଅଧିକ ହୋମ୍‌ଗାର୍ଡ ଯୋଗାଇଦେଲେ ସମସ୍ୟା କିଛି ମାତ୍ରାରେ ସମାଧାନ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ୭ ଲକ୍ଷ ଟଙ୍କା ଫେରାଇଲେ ପୂର୍ବତନ ଶାଖା ପରିଚାଳକ

କଟକ ସଦର,୬।୧୨ (ସୁଶାନ୍ତ କୁମାର ଜେନା)

**କନ୍ଦରପୁର ସମବାୟ ମିନିବ୍ୟାଙ୍କ ଅର୍ଥ ତୋସରପାତ ମାମଲା**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସମବାୟ ସମିତି ଦ୍ୱାରା ପରିଚାଳିତ ମିନିବ୍ୟାଙ୍କରେ ୨୦୨୧ରେ ଅର୍ଥ ତୋସରପାତ ହୋଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶାଖା ପରିଚାଳକ ରବୀନ୍ଦ୍ର କୁମାର ମହାନ୍ତି ୭ ଲକ୍ଷ ଟଙ୍କା ସମବାୟ ସମିତି ଆକାଉଣ୍ଟରେ ଜମା କରିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ଅନ୍ୟତମ ଅଭିଯୁକ୍ତ କ୍ୟାଶିୟର ଦୀପ୍ତି କୁମାର ପଟ୍ଟନାୟକ ଏପର୍ଯ୍ୟନ୍ତ କୌଣସି ଅର୍ଥ ଜମା କରିନାହାନ୍ତି। ଜଣେ ଅଭିଯୁକ୍ତ ଟଙ୍କା ଫେରାଇବା ଭଳି ବିରଳ ଘଟଣା ଏଠାରେ ଦେଖିବାକୁ ମିଳିଛି। ଉଭୟଙ୍କ ନାମରେ କନ୍ଦରପୁର ଥାନାରେ ମାମଲା(ନଂ.୨୨୬/୨୧) ରୁଜୁ ହୋଇଛି। ଉଭୟ ଅଭିଯୁକ୍ତ ମଧ୍ୟ ହାଇକୋର୍ଟରୁ ଅନ୍ତରୀଣ ଜାମିନରେ ଆସି ମକଦ୍ଦମା ଲଢୁଛନ୍ତି। ଅନ୍ୟପକ୍ଷରେ ଏହି ତୋସରପାତ ଘଟଣା ପଦାକୁ ଆସିବା ପରେ ସମବାୟ ବିଭାଗ ଧାରା ୬୫ରେ ମାମଲାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲା। ଏହି ତଦନ୍ତରେ ଜମାକାରୀଙ୍କ ୮୭ ଲକ୍ଷ ୨୦୦ ଟଙ୍କା ଆତ୍ମସାତ ହୋଇଥିବା ଜଣାପଡ଼ିଥିଲା। ପରେ ଏହି ଅର୍ଥକୁ ମିନିବ୍ୟାଙ୍କର ଲାଭାଂଶରୁ ଭରଣା କରାଯାଇ ଜମାକାରୀଙ୍କୁ ଫେରସ୍ତ ଦିଆଯାଇଛି। ଏହାଛଡା ନ୍ୟାୟାଳୟରେ ମାମଲା ଚାଲିଥିବାରୁ ଅଡିଟ୍ ରିପୋର୍ଟ ନିହାତି ଆବଶ୍ୟକ ବୋଲି ପୋଲିସ କହିଥିଲା। ତେଣୁ ସ୍ୱତନ୍ତ୍ର ଅଡିଟ୍ ଶୀଘ୍ର କରିବା ପାଇଁ ତତ୍କାଳୀନ ସହକାରୀ ସମବାୟ ନିବନ୍ଧକ ପତ୍ରସଂଖ୍ୟା ୨୩୦୨/୮।୧୨।୨୧ରେ ସମବାୟ ବିଭାଗର ସହକାରୀ ଅଡିଟର ଜେନେରାଲଙ୍କୁ ପତ୍ର ଲେଖିଥିଲେ। ଅଦ୍ୟାବଧି ଅଡିଟ୍ ହୋଇନାହିଁ। ଅର୍ଥ ତୋସରପାତ ମାମଲା ସମ୍ପର୍କରେ କୌଣସି ମତାମତ ଦେବା ପାଇଁ କନ୍ଦରପୁର କୃଷକ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ଧୀରେନ ଦାଶ ମନା କରିଛନ୍ତି।

# 'ସଚେତନ ହେଲେ ସଡ଼କ ଦୁର୍ଘଟଣା ରୋକିହେବ'

କଟକ,୬।୧୨ (କାର୍ତ୍ତିକ ସାହୁ)



ବୈଠକରେ ଜିଲାପାଳ ନରହରି ସେଠୀଙ୍କ ସମେତ ଅନ୍ୟମାନେ।

**ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳିତ**

ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଦୁର୍ଘଟଣା ଜନିତ ମୃତ୍ୟୁ ବିରୋଧରେ ମିଳିତ ଉଦ୍ୟମ କରାଯିବା ଆବଶ୍ୟକ। ମୋଟରଯାନ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବା ପାଇଁ ମାନସିକ ସ୍ତରରେ ଚାଳକମାନେ ପ୍ରସ୍ତୁତ ରହିବା ଦରକାର। ସର୍ବୋପରି ସଚେତନତା ଦ୍ୱାରା ହିଁ ସଡ଼କ ଦୁର୍ଘଟଣାକୁ ରୋକାଯାଇପାରିବ। ରାସ୍ତା ନିୟମ ଉଲ୍ଲଂଘନକାରୀଙ୍କ ପ୍ରତି ଉଭୟ ପୋଲିସ ଓ ପରିବହନ ବିଭାଗ କର୍ତ୍ତୃପକ୍ଷଙ୍କ ସମୟୋଚିତ କଠୋର ପଦକ୍ଷେପ ଗ୍ରହଣ କରାଯିବା ଉଚିତ ବୋଲି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ବୈଠକରେ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ରାଜ୍ୟ ପରିବହନ ବିଭାଗର ଅତିରିକ୍ତ କମିଶନର ଲାଲମୋହନ ସେଠୀ କହିଛନ୍ତି, ୭୯କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସଡ଼କ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ଖର୍ଚ୍ଚ କରି ବିଭିନ୍ନ ସମୟରେ ଆବଶ୍ୟକ କାର୍ଯ୍ୟକ୍ରମ କରିବା ସହ ଅନେକ ଉପକରଣ କ୍ରୟ ତଥା ଆନୁଷଙ୍ଗିକ ବ୍ୟବସ୍ଥା ଉପଲବ୍ଧ କରାଇଛନ୍ତି। ଏଥିପାଇଁ ୧୫ଟି ଜିଲାରେ ବୃହତ ଟର୍ମିନାଲ ନିର୍ମାଣ କରାଯାଉଥିବା ସେ କହିଛନ୍ତି। ଜିଲାପାଳ ନରହରି ସେଠୀ ଅଧ୍ୟକ୍ଷତା କରି କହିଛନ୍ତି, ସଡ଼କ ଦୁର୍ଘଟଣାରେ ଅନେକ ଅମୂଲ୍ୟ ଜୀବନ ଚାଲିଯାଉଛି। ଦୁର୍ଘଟଣାର କାରଣ ଓ ନିରାକରଣ ନିମନ୍ତେ ନୀତିନିୟମ ଅନୁପାଳନ କରାଯିବା ନିତାନ୍ତ ଆବଶ୍ୟକ। ଆଇନ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଦ୍ରୁତ ଗାଡ଼ି ଚାଳନା, ବେଆଇନ ପାର୍କିଂ ତଥା ନାବାଳକଙ୍କ ଦ୍ୱାରା ଗାଡ଼ି ଚାଳନା ଉପରେ ଦୃଢ଼ ମନୋଭାବ ପୋଷଣପୂର୍ବକ ସେମାନଙ୍କୁ ସଚେତନ କରାଯିବା ଉଚିତ ବୋଲି ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଆରକ୍ଷୀ ଉପଆୟୁକ୍ତ ଅନିଲ କୁମାର ମିଶ୍ର, ଚାରବାଟିଆ ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀ ଅଜିତ କୁମାର ଦାସ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦୀପ୍ତି ଶୁଭଦର୍ଶିନୀ, ଡିପିସି ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଦୁର୍ଘଟଣା ଜନିତ କାରଣ ଓ ନିରାକରଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ସଞ୍ଜୟ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିବା ସହ କଟକ ଜିଲାରେ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁହାର ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ମୋଟର ଯାନ ନିରୀକ୍ଷକ ବିଶ୍ୱଜିତ୍ ଦାଶ ଧନ୍ୟବାଦ ଦେଇଥିଲେ। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ସମେତ ଉଭୟ ଟ୍ରକ ଓ ବସ୍ ମାଲିକ ସଂଘ, ଅଟୋ ଚାଳକ ସଂଘ, ପୋଲିସ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, କଟକ ଜିଲାରେ ଗତ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରାଯାଉଛି।




କଟକ ସାରଳା ଭବନରେ ଲାଇଫ୍ ଇନ୍‌ସ୍ୟୁରାନ୍ସ ଏଜେଣ୍ଟ୍ସ ଫେଡେରେଶନ ଅଫ୍ ଇଣ୍ଡିଆ କଟକ ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।



କଟକ ବାଲିଯାତ୍ରା ସରିବା ପରେ ବୁଧବାର ତଳପଡିଆରେ ଆସବାବପତ୍ର କିଣିବା ପାଇଁ ଲୋକଙ୍କ ଗହଳି।

## ଓଷ୍ଟାର ନୂତନ ସମ୍ପାଦକ ହେଲେ ବିଭୁଦତ୍ତ



ଗୋପ,୬।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଥମେ ପ୍ରାଧାନ୍ୟ ଦିଆଯିବା ସହିତ ସେମାନଙ୍କ ସମସ୍ୟା ଉପରେ ଅଧିକ ମାତ୍ରାରେ ଗୁରୁତ୍ୱ ଦିଆଯିବ। ଗୋପ ବ୍ଲକ ଅନ୍ତର୍ଗତ ବେଦପୁର ଅଧୀନ ମା' ଭୁଆସୁଣୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଭୁଦତ୍ତ ନାୟକ ବୁଧବାର ଓଷ୍ଟାର ନୂତନ ସମ୍ପାଦକ ଭାବେ ନିର୍ବାଚିତ ହେବା ପରେ ଏହା କହିଛନ୍ତି। ପୁରୀ ଜିଲା କଣାସ ବ୍ଲକ ଅଧୀନ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ କରାଯାଇଥିଲା। ସର୍ବସମ୍ମତିକ୍ରମେ ବିଭୁଦତ୍ତଙ୍କୁ ଗୋପ ବ୍ଲକରୁ ପ୍ରଥମ କରି ଏହି ସମ୍ପାଦକ ପଦ ମିଳିଥିବାରୁ ରାଜ୍ୟ ଓ ଜିଲା ଓଷ୍ଟା ସଦସ୍ୟା ସଦସ୍ୟ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଗୋପ ବ୍ଲକକୁ ପ୍ରଥମ କରି ଏହି ପଦବୀ ମିଳିଥିବା ଯୋଗୁ ଗୋପ ବ୍ଲକ ଶିକ୍ଷକ ସମନ୍ୱିତ ସମିତି ସଭାପତି ଶିବଦତ୍ତ ନାୟକ, ଗୋପ ବ୍ଲକ ଓଷ୍ଟା ସଭାପତି ମହେନ୍ଦ୍ର ପାଢ଼ୀ, ସମ୍ପାଦକ ରାମକୃଷ୍ଣ ମହାନ୍ତି, ପୂର୍ବତନ ସଭାପତି ଅର୍ଜୁନ ଚରଣ ବେହେରା, ଜଟକୃଷ୍ଣ ବିଶ୍ୱାଳ, ପ୍ରକାଶ ଜେନାଙ୍କ ସହିତ ଅନ୍ୟ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକ ଓଷ୍ଟାର ନୂତନ ଜିଲା ସମ୍ପାଦକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ସହଯୋଗର ହାତ ବଢ଼ାଇବା ଜଣାପଡ଼ିଛି।

# 'ଶହୀଦ ଜୟୀ ରାଜଗୁରୁଙ୍କ ଦେଶପ୍ରୀତି ଅତୁଳନୀୟ'

ପୁରୀ, ୬।୧୨(ଅଜିତ ମହାନ୍ତି)

### ବୀରହରେକୃଷ୍ଣପୁରରେ ଶ୍ରାଦ୍ଧ ଦିବସ ପାଳିତ

- ତିଳତର୍ପଣ, ରକ୍ତଦାନ ଶିବିର, ଭଜନ ପରିବେଷଣ
- ସ୍ମୃତିପୀଠର ବିକାଶ ଉପରେ ଗୁରୁତ୍ୱ

ଶହୀଦ ଜୟୀ ରାଜଗୁରୁଙ୍କ ବୀରତ୍ୱ, ସାହସ, ତ୍ୟାଗ ଓ ଦେଶପ୍ରେମ ଯୁଗ ଯୁଗ ପାଇଁ ମାନବ ସମାଜକୁ ପ୍ରେରଣା ଦେଇଚାଲିଥିବ ବୋଲି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି। ବୁଧବାର ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଜୟୀ ରାଜଗୁରୁ ସ୍ମୃତି ପରିଷଦ ଏବଂ ଶ୍ରୀଗୋପିନାଥ ଦେବସ୍ଥାନ ସମିତି ପକ୍ଷରୁ ବୀରହରେକୃଷ୍ଣପୁର ଗ୍ରାମଠାରେ ଶହୀଦ ଜୟୀ ରାଜଗୁରୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଷଡ଼ଙ୍ଗୀ କହିଥିଲେ, ଜୟୀ ରାଜଗୁରୁ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଭାବେ ଯେଉଁ ତ୍ୟାଗ ଓ ବଳିଦାନ ଦେଇଛନ୍ତି ତାହା ଅନନ୍ୟ ଏବଂ ଅବିସ୍ମରଣୀୟ। ତାଙ୍କ କାର୍ଯ୍ୟଧାରା ଓ ଆଦର୍ଶର ଅଧିକ ପ୍ରଚାର, ପ୍ରସାର କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଷଡ଼ଙ୍ଗୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ଶହୀଦ ଜୟୀ ରାଜଗୁରୁଙ୍କ ଦେଶପ୍ରୀତି ଅତୁଳନୀୟ ବୋଲି କହିବା ସହ ଯୁବପିଢି ତାଙ୍କ ଆଦର୍ଶ ଓ ଦେଶସେବାରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ଜୟୀ ରାଜଗୁରୁଙ୍କ ସ୍ମୃତି ରକ୍ଷା ଓ ଏହି ପୀଠର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୁରୀ ସଦର ଏବିଡିଓ ମନୋଜ କୁମାର ବେହେରା, ଶ୍ରୀଗୋପିନାଥ ଦେବସ୍ଥାନ ସମିତିର ସଭାପତି ଭାସ୍କର ନାରାୟଣ ରଥ, ସମ୍ପାଦକ ପ୍ରକୃତି ପ୍ରସାଦ ମିଶ୍ର, ସମିତି ସଭ୍ୟ ଅଜୟ ପ୍ରଧାନ, ଜୟୀ ରାଜଗୁରୁ ସ୍ମୃତି ପରିଷଦର ସମ୍ପାଦକ ଡ. ଜଟାଧାରୀ ମିଶ୍ର, ଶହୀଦ ଜୟୀ ରାଜଗୁରୁ କ୍ଲବ ସଭାପତି ଶକ୍ତିପ୍ରସାଦ ମିଶ୍ର, ସମ୍ପାଦକ ରାଜେଶ ରଥ, ସତ୍ୟଜିତ ତ୍ରିପାଠୀ, ଦିନେଶ ରଥ ପ୍ରମୁଖ ଯୋଗଦେଇଥିଲେ। ସେହିପରି ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବୀରହରେକୃଷ୍ଣପୁର ବଜାରସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଗ୍ରାମ ନିକଟସ୍ଥ ଲୋକନାଥ ମନ୍ଦିର ପୁଷ୍କରିଣୀଠାରେ ସାମୂହିକ ତିଳତର୍ପଣ କରାଯାଇଥିଲା। ସମର୍ପଣ ଅନୁଷ୍ଠାନ ଏବଂ ରୋଟାରୀ କ୍ଲବ ଅଫ୍ ଶ୍ରୀଜଗନ୍ନାଥ ଧାମ ପୁରୀ ପକ୍ଷରୁ ଗଦାଧର ପାଠାଗାରଠାରେ ରକ୍ତଦାନ ଶିବିର ଜୟନ୍ତୀ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଘୋଡ଼ାନାଚ ଓ ଭଜନ ପରିବେଷଣ କରାଯାଇଥିଲା। ପୂର୍ବରୁ ରେଲୱେଷ୍ଟେଶନସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।



ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ।

## ବର୍ଷା ଉଜାଡ଼ିଲା ଧାନଫସଲ



ଅସ୍ତରଙ୍ଗ, ୬।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

### ଚାଷୀ ଆଖିରେ ଲୁହ

- ଋଣ ଶୁଝିବା ଚିନ୍ତା ଘାରିଛି
- ସରକାରୀ ସହାୟତା ଦାବି

ମିଗ୍‌ଜୋମ୍ ପ୍ରଭାବରେ ଲଗାଣ ବର୍ଷା ଯୋଗୁ ଧାନବିଲରେ ପାଣି ଜମିଛି। ଫଳରେ ଧାନ ଫସଲ ନଷ୍ଟ ହୋଇଯାଇଛି। ଧାର କରଜ କରି କ୍ଷେତରେ ଧାନଚାଷ କରିଥିବା ଚାଷୀର ଅଣ୍ଟା ଦୋହଲିଯାଇଛି। କିପରି ପରିବାର ଚଳାଇବ ସେହି ଚିନ୍ତାରେ ଘାରି ହେଉଛି ଚାଷୀ। ଶସ୍ୟଶ୍ୟାମଳା ସବୁଜିମାଭରା କ୍ଷେତ ରୂପ ବଦଳାଇସାରିଥିଲା। ପାଚିଲା ଧାନକେଣ୍ଡା ସୁନା ଭଳି ଚକ୍ ଚକ୍ କରୁଥିଲା। ଏସବୁ ଦେଖି ଚାଷୀଙ୍କ ପେଟ ପୂରିଯାଉଥିଲା। ଆଉ ଦିନ କେଇଟା ପରେ ଫସଲ ଅମଳ ଆରମ୍ଭ ହୋଇଥାନ୍ତା। ଉତ୍ସାହର ସହିତ ଏହି ସମୟକୁ ଅପେକ୍ଷା କରିଥିବାବେଳେ ବର୍ଷା ସବୁ ଉଜାଡ଼ି ଦେଲା।

ଅସ୍ତରଙ୍ଗ ବ୍ଲକର ମୋଟ ୧୦୯୯୫ ହେକ୍ଟର ଜମିରେ ଚାଷ ହେଉଥିବାବେଳେ ୮୧୦୦ ହେକ୍ଟର ଜମିରେ ଧାନ ଏବଂ ଅନ୍ୟାନ୍ୟ ୨୮୯୫ ହେକ୍ଟର ଅଞ୍ଚଳରେ ଅନ୍ୟ ଫସଲ ଚାଷ କରାଯାଇଛି। ଧାରକରଜ ଆଣି ଖରା, ବର୍ଷା, ଶୀତ ସହି ହାଡ଼ଭଙ୍ଗା ପରିଶ୍ରମ କରି ବିଲରେ ଧାନଚାଷ କରିଥିଲେ ଚାଷୀ। ଆଶା ଥିଲା, ଭଲ ଫସଲ ଅମଳ ହେବ। ଫଳରେ ଆଶାଜନକ ରୋଜଗାର ହେବା ସହ ଭଲ ଭାବେ ପରିବାର ପ୍ରତିପୋଷଣ କରିପାରିବେ। ହେଲେ ବର୍ଷା ସବୁ ଆଶା ମଉଳାଇ ଦେଇଛି। ଖଳାକୁ ଧାନ ଆସିବା ପୂର୍ବରୁ ବିଲରେ ପାଣିରେ ବୁଡ଼ିରହି ନଷ୍ଟ ହୋଇଗଲାଣି। ସେହିପରି ପନିପରିବା ଫସଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। କୃଷି ବିଭାଗର ଆଗୁଆ ସୂଚନା ସତ୍ତ୍ୱେ ତରବରିଆ ଭାବେ ସବୁ ପଦକ୍ଷେପ ନେବା ଚାଷୀଙ୍କ ପକ୍ଷେ ସମ୍ଭବ ହୋଇପାରିନାହିଁ। ମୁଣ୍ଡ ଝାଳ ତୁଣ୍ଡରେ ମାରି ହାତ ଉଧାରି ଆଣି ଫସଲ କରିଥିବା ଚାଷୀ ଶେଷରେ ହତାଶ ହୋଇପଡ଼ିଛି। କିପରି କୃଷିଋଣ ଓ ଧାରକରଜ ଶୁଝିବ ସେଇ ଚିନ୍ତା ଘାରିଛି। ତୁରନ୍ତ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଯିବାକୁ ଚାଷୀମାନେ ଦାବି କରିଛନ୍ତି।

# 'ଜନସାଧାରଣଙ୍କ ଆସ୍ଥାଭାଜନ ହୁଅନ୍ତୁ ଗୃହରକ୍ଷୀ'



ଗୃହରକ୍ଷୀ ବାହିନୀ ପକ୍ଷରୁ ପରେଡ୍ ପ୍ରଦର୍ଶନ କରାଯାଉଛି।

ପୁରୀ, ୬।୧୨(ଅଜିତ୍ ମହାନ୍ତି)

### ୬୧ତମ ହୋମଗାର୍ଡ ଦିବସ ପାଳିତ

ପୁରୀ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ବୁଧବାର ୬୧ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୋଲିସ ରିଜର୍ଭ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ପି ଡ. କନୱର ବିଶାଲ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପ୍ରେରିତ ବାର୍ତ୍ତାକୁ ପାଠ କରାଯାଇଥିଲା। ଏସ୍‌ପି ଅଭିଭାଷଣ ଦେଇ ଗୃହରକ୍ଷୀମାନଙ୍କ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ, ଓଡ଼ିଶା ପୋଲିସ ବାହିନୀର ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛନ୍ତି ଗୃହରକ୍ଷୀ। ସେମାନେ ସବୁ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଉଛନ୍ତି। ଗୃହରକ୍ଷୀମାନେ ସର୍ବଦା କର୍ତ୍ତବ୍ୟନିଷ୍ଠା, ସେବା ଓ ଦକ୍ଷତା ପ୍ରଦର୍ଶନ କରି ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ଏସ୍‌ପି ପରାମର୍ଶ ଦେଇଥିଲେ। ହୋମଗାର୍ଡ ବାହିନୀ ପକ୍ଷରୁ ଚିତ୍ତାକର୍ଷକ ପରେଡ ପ୍ରଦର୍ଶନ କରାଯାଇଥିଲା। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେତେଜଣ ହୋମଗାର୍ଡଙ୍କୁ ଏସ୍‌ପି ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ଅତିରିକ୍ତ ଏସ୍‌ପି, ସିଟି ଡିଏସ୍‌ପି, ସଦର ଡିଏସ୍‌ପିଙ୍କ ସମେତ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଷଣ୍ଢ ଲଢ଼େଇବେଳେ ଭିନ୍ନକ୍ଷମ ଯୁବକ ଆହତ

ନିମାପଡ଼ା,୬।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ମୁଖ୍ୟ ବଜାର ଥାନା ସମ୍ମୁଖରେ ସୋମବାର ସନ୍ଧ୍ୟାରେ ଷଣ୍ଢ ଲଢ଼େଇ ଜଣେ ଭିନ୍ନକ୍ଷମ ଯୁବକଙ୍କ ପାଇଁ ବହୁ ମହଙ୍ଗା ସାବ୍ୟସ୍ତ ହୋଇଛି। ୨ଟି ଷଣ୍ଢ ଲଢାଲଢିବେଳେ ରାସ୍ତାରେ ଏକ ତିନି ଚକିଆ ସାଇକେଲରେ ଆସୁଥିବା ଜଣେ ୧୯ ବର୍ଷୀୟ ଭିନ୍ନକ୍ଷମ ଯୁବକଙ୍କ ସାଇକେଲରେ ଷଣ୍ଢ ପିଟି ହୋଇଯିବାରୁ ମୁଖ୍ୟା ରାସ୍ତା ଉପରେ ସାଇକେଲ ସହ ଭିନ୍ନକ୍ଷମ ଯୁବକ ଜଣଙ୍କ ଓଲଟିପଡ଼ି ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ସ୍ଥାନୀୟ ଜଇନାବାଦ ଗ୍ରାମର ଆକାଶ ସାମଲ(୧୯)। ଖବରପାଇ ଆହତ ଯୁବକଙ୍କ ବାପା ଓ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ନିମାପଡ଼ା ଡାକ୍ତରଖାନାକୁ ନେଇଥିଲେ। ଏଥିରେ ଯୁବକଙ୍କ ତିନି ଚକିଆ ସାଇକେଲଟି ଭାଙ୍ଗିଯାଇଛି। ନିମାପଡ଼ା ମୁଖ୍ୟ ବଜାର, ଥାନା ଛକ ବ୍ଲକ ଛକ, ଦୋଳବେଦୀ ଛକଠାରେ ବୁଲା ଗୋରୁଙ୍କ ଉପଦ୍ରବ ବହୁଳ ଭାବେ ଦେଖାଦେଇଛି। ବ୍ଲକ ଛକ, ଦୋଳବେଦୀ ଛକଠାରେ ଷଣ୍ଢ ଆକ୍ରମଣରେ ବହୁ ଲୋକ ଗୁରୁତର ଭାବେ ଆହତ ହୋଇଥିବାର ବହୁ ନଜିର ରହିଛି। ସନ୍ଧ୍ୟାବେଳେ ଦୋଳବେଦୀ ଛକ, ଥାନା ଛକଠାରେ ବହୁ ଷଣ୍ଢ, ବୁଲା ଗୋରୁ ଶୋଇ ରହୁଥିବାରୁ ବହୁ ଦୁର୍ଘଟଣାମାନ ଘଟୁଥିବାବେଳେ ଯାନବାହନ ଯାତାୟାତ ବହୁଳ ଭାବେ ବାଧାପ୍ରାପ୍ତ ହେଉଛି। ଏପରିକି ଷଣ୍ଢ ଓ ବୁଲା ଗୋରୁ ମୁଖ୍ୟ ରାସ୍ତା ଉପରେ ଶୋଇ ରହି ରାସ୍ତା ଅବରୋଧ ଯୋଗୁ ବିଭିନ୍ନ ସମୟରେ ଆମ୍ବୁଲାନ୍ସ ମଧ୍ୟ ଅଟକି ରହୁଛି। ବିଭିନ୍ନ ଛକ ଓ ମୁଖ୍ୟ ବଜାର ଉପରୁ ଷଣ୍ଢ ଓ ବୁଲା ଗୋରୁଙ୍କୁ ଅନ୍ୟତ୍ର ହଟାଯିବା ଦିଗରେ ଦୃଢ଼ ପଦକ୍ଷେପ ନିଆଯିବାକୁ ବିଭିନ୍ନ ମହଲରୁ ଏନ୍‌ଏସି ପ୍ରଶାସନ ନିକଟରେ ଦୃଢ ଦାବି ହେଉଛି। ଏହି ବୁଲା ଗୋରଙ୍କୁ ହଟା ନ ଗଲେ ଆଗାମୀ ଦିନରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି।

## ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ



ପୁରୀ, ୬।୧୨(ଅଜିତ ମହାନ୍ତି)

ଶ୍ରୀଜଗନ୍ନାଥ ବଲ୍ଲଭ ବ୍ୟାୟାମ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଜଗନ୍ନାଥ ବଲ୍ଲଭ ପରିସରରେ ଆୟୋଜିତ ଦୁଇଦିନିଆ ପୁରୀ ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାରବାଟୀ ଯାଗା, ଜଗନ୍ନାଥବଲ୍ଲଭ ବ୍ୟାୟାମ କ୍ରୀଡ଼ା ପରିଷଦ, ଖୁଣ୍ଟିଆଯାଗା, ମା' ବସନ୍ତେଇ କ୍ଲବ, ଗୁରୁ ହନୁମାନ ଆଖଡ଼ା, ପଞ୍ଚମୁଖୀ ଯାଗା, ପାଣ୍ଡ ଯାଗା, ଧ୍ୱଜାଗଡ଼ ଯାଗା, ଖାସ୍ ଯାଗା, ନୃସିଂହ ବଲ୍ଲଭ ଯାଗା, ବିଶୁନି ଯାଗା, ବ୍ରହ୍ମଗିରି ମଙ୍ଗଳାମୁଖୀ ଯାଗା, ବଡୁ ମହାପାତ୍ର ଯାଗା, ସି ବିଚ୍ କ୍ଲବ ଆଦି ବିଭିନ୍ନ ଅନୁଷ୍ଠାନ ଭାଗ ନେଇଥିଲେ। ପ୍ରତିଯୋଗିତାରେ ୧୪୫ ଜଣ ପ୍ରତିଯୋଗୀ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ସିନିୟର, ଜୁନିୟର, ସବ୍‌ଜୁନିୟର, ୧୫ ବର୍ଷରୁ କମ୍ ବୟସ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ତୁକୁନି ସାହୁ, ଜୀବନ ବିନ୍ଦୁ ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ପ୍ରମୁଖ ଯୋଗଦେଇ ଶରୀର ଚର୍ଚ୍ଚାରେ କୁସ୍ତିର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଆସନ୍ତା ୯ ଓ ୧୦ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି।

## ମହିଳା କିଷାନ ଦିବସ ପାଳିତ

ସାକ୍ଷୀଗୋପାଳ,୬।୧୨(ଭରତ ରାଉତ)

ପୂର୍ବ ସତ୍ୟବାଦୀର ବଳରାମପୁର ଗଡ଼ଠାରେ ମହିଳା କିଷାନ ଦିବସ ପରିପ୍ରେକ୍ଷୀରେ ବୁଧବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟ୍‌ସ କମ୍ୟୁନିଟି ଇଣ୍ଡିଆ(ଆଇଏଚ୍‌ଆର୍‌ସିଆଇ)ର ପୁରୀ ଜିଲା ସତ୍ୟବାଦୀ ବ୍ଲକର କାର୍ଯ୍ୟକର୍ତ୍ତାବୃନ୍ଦ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓମେନ ଇନ ଏଗ୍ରିକଲଚର୍ (ସିଆଇଡବ୍ଲ୍ୟୁଏ) ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ଅର୍ଥରାଶି ସହଯୋଗ କରିଥିଲା। ମୁଖ୍ୟ ଅତିଥି ଭାବରେ ସିଆଇଡବ୍ଲ୍ୟୁଏର ଡ. ଜ୍ୟୋତି ନାୟକ ଗୀତ ଶାହା ଓ ସୁବ୍ରତ କୁମାର ଦାସ ଯୋଗଦେଇଥିଲେ। ବିଶେଷ ଅତିଥି ଭାବରେ ସିଡିପିଓଙ୍କ କାର୍ଯ୍ୟାଳୟରୁ ରାଧାରାଣୀ ଦାସ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବରେ ଆଇଏଚ୍‌ଆର୍‌ସିଆଇରୁ ଶିଶୁ ମହିଳା ବିକାଶର ସନ୍ଧ୍ୟାରାଣୀ, ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଉପସଭାପତି ପବିତ୍ର ପରିଡ଼ା, ସାଧାରଣ ସମ୍ପାଦକ ଅର୍ଜୁନ ବେହେରା ଉପସ୍ଥିତ ଥିଲେ। ସଭାରେ ମହିଳା କିଷାନମାନେ କିଭଳି କୃଷି କ୍ଷେତ୍ରରେ ଆଗକୁ ଯାଇପାରିବେ ଓ ଆଗାମୀ ଦିନରେ କିଭଳି ନିଜେ କ୍ରିୟାଶୀଳ ହୋଇପାରିବେ ତାହା ଉପରେ ଉପସ୍ଥିତ ଅତିଥିମାନେ ସମସ୍ତ ମହିଳା କିଷାନମାନଙ୍କୁ ଶିକ୍ଷା ଦେଇଥିଲେ। ପରିଶେଷରେ ସିଆଇଡବ୍ଲ୍ୟୁଏ ପକ୍ଷରୁ ସମସ୍ତ ମହିଳା ଚାଷୀଙ୍କୁ ବିଭିନ୍ନ ପ୍ରକାରର ମଞ୍ଜି ବଣ୍ଟା ଯାଇଥିଲା। କେତେଜଣ ମହିଳା ଓ ଶିଶୁ କଳାକାରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଅସ୍ତରଙ୍ଗ, ୬।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଅସ୍ତରଙ୍ଗ ବ୍ଲକ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ମୁଖ୍ୟବକ୍ତା ଭାବେ ମହାତ୍ମାଗାନ୍ଧୀ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ନିରୋଦ କୁମାର ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ଅର୍ଥନୀତି ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ପ୍ରକାଶ ମହାପାତ୍ର, ବୁଦ୍ଧଦେବ ଜେନା ଯୋଗଦେଇଥିଲେ। ଖେଳ, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ପ୍ରତିଭା ଲୋକଲୋଚନକୁ ଆଣିବା ପ୍ରୟାସ କରାଯାଉଛି ବୋଲି ଅତିଥିମାନେ କହିଥିଲେ। ସୂଚନା ନୋଡାଲ ଅଧିକାରୀ ପ୍ରଶାନ୍ତ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

## ଚାଲିଛି ମଙ୍ଗୁମଠ ପୁନରୁଦ୍ଧାର କାମ

ପୁରୀ, ୬।୧୨(ଅଜିତ୍ ମହାନ୍ତି)

### ଅନୁଧ୍ୟାନ କଲେ ଜାତୀୟ ସଂଖ୍ୟାଲଘୁ କମିଶନ ଅଧ୍ୟକ୍ଷ

ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ୭୫ ମିଟର ସୁରକ୍ଷା ଜୋନ୍‌ରୁ ଉଚ୍ଛେଦ ହୋଇଥିବା ୧୮ଟି ମଠ ମଧ୍ୟରେ ସିଂହଦ୍ୱାର ନିକଟସ୍ଥ ମଙ୍ଗୁ ମଠ ରହିଥିଲା। ମଙ୍ଗୁମଠ ଶିଖ୍ ସମ୍ପ୍ରଦାୟର ମଠ ଭାବେ ବିବେଚିତ। ଗୁରୁ ନାନକ ଏଠାରେ ଆରତି କରିଥିଲେ ବୋଲି କୁହାଯାଏ। ତେଣୁ ମଙ୍ଗୁମଠ ଉଚ୍ଛେଦ ସମୟରେ ଶିଖ୍ ସଂପ୍ରଦାୟର ଲୋକେ ବିରୋଧ କରିବା ସହ ତତ୍କାଳୀନ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ ମଠର ସଂରକ୍ଷଣ ନେଇ ୨୦୧୯ରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିବା ସହ ଚିଠି ଲେଖିଥିଲେ। ସେହିପରି ଏକ ପ୍ରତିନିଧି ମଣ୍ଡଳୀ ଆସି ମଠ ଅନୁଧ୍ୟାନ କରିଥିଲା। ତେବେ ମଙ୍ଗଳବାର ମଙ୍ଗୁମଠ ପ୍ରସଙ୍ଗରେ ଜାତୀୟ ସଂଖ୍ୟାଲଘୁ କମିଶନ ଅଧ୍ୟକ୍ଷ ସର୍ଦ୍ଦାର ଇକ୍‌ବାଲ୍ ସିଂହଙ୍କ ସହ ଜିଲା ପ୍ରଶାସନର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୁରୁଦ୍ୱାର କମିଟିର ୧୦ ଜଣିଆ ପ୍ରତିନିଧିମଣ୍ଡଳୀ ଉପସ୍ଥିତ ରହି ଜିଲା ପ୍ରଶାସନ ସହ ମଠ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପରେ ସେମାନେ ମଙ୍ଗୁମଠ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜାତୀୟ ସଂଖ୍ୟାଲଘୁ କମିଶନ ଅଧ୍ୟକ୍ଷଙ୍କ ସହ ଆସିଥିବା ପ୍ରତିନିଧିମଣ୍ଡଳୀ ମଙ୍ଗୁମଠ ଯାଇ ଚାଲିଥିବା କାମର ତଦାରଖ କରିଥିଲେ। ମଠର ବିକାଶ ଓ ପୁନରୁଦ୍ଧାର କାର୍ଯ୍ୟ ସହ ଶ୍ରୀମନ୍ଦିର ଚାରିପଟେ ଚାଲିଥିବା ଉନ୍ନତୀକରଣ କାର୍ଯ୍ୟକୁ ସେମାନେ ପ୍ରଶଂସା କରିଛନ୍ତି। ଏନେଇ ଲାଲପୁରା କହିଛନ୍ତି, ଏଠାକୁ ଆସି ବହୁତ ଭଲ ଲାଗିଲା। ମଠରେ ଥିବା ଠାକୁରଙ୍କ ଦର୍ଶନ କରିବା ସହ ମହନ୍ତଙ୍କ ଆଶୀର୍ବାଦ ନେଲୁ। ଏଠାକୁ ଗୁରୁ ନାନକ ଆସିଥିଲେ। ତେଣୁ ଏହା ଏକ ପବିତ୍ର ସ୍ଥାନ। ଯାହା କିଛି ସମସ୍ୟା ରହିଛି ସେ ସବୁକୁ ଭଗବାନ ସମାଧାନ କରିବେ ଆମେ କେବଳ ମାଧ୍ୟମ। ଉନ୍ନତି ସହ ସଂସ୍କୃତି ବଜାୟ ରହିବା ଆବଶ୍ୟକ, ଯାହାକୁ ପ୍ରଶାସନ ଓ ମହନ୍ତ କରିବେ। ଏହି ସ୍ଥାନ ଅଧିକ ସୁନ୍ଦର ହେଉ ଏବଂ ଆହୁରି ଲୋକ ଏଠାକୁ ଆସନ୍ତୁ ଏଥିପାଇଁ ପ୍ରଚେଷ୍ଟା କରିବା ଆବଶ୍ୟକ।

# ବ୍ରହ୍ମଗିରିରେ ହେବ ସ୍ୱତନ୍ତ୍ର ଡ୍ରେନେଜ୍ ବ୍ୟବସ୍ଥା

ପୁରୀ,୬।୧୨(ଅଜିତ୍ ମହାନ୍ତି)

### ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଅନୁମୋଦନ

- ୧୬ କୋଟି ୫୦ ଲକ୍ଷ ୬୯ ହଜାର ଟଙ୍କା ମଞ୍ଜୁର
- ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ସଞ୍ଜୟ ଦାସବର୍ମା



ଖବରଦାତା ସମ୍ମିଳନୀରେ ସଞ୍ଜୟ କୁମାର ଦାସବର୍ମା ଏବଂ ଅନ୍ୟମାନେ ସୂଚନା ଦେଉଛନ୍ତି।

ରାଜ୍ୟ ସରକାର ବ୍ରହ୍ମଗିରି ବ୍ଲକ ଅଞ୍ଚଳରେ ଜଳସେଚନ, ଜଳ ନିଷ୍କାସନ ଓ ମତ୍ସ୍ୟଚାଷ ପାଇଁ ସ୍ୱତନ୍ତ୍ର ଡ୍ରେନେଜ ବ୍ୟବସ୍ଥା କରିଥିବାରୁ ବୁଧବାର ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା ଅଞ୍ଚଳବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ଦାସବର୍ମା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଜିଲାରେ ସ୍ୱତନ୍ତ୍ର ଡ୍ରେନେଜ୍ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ବ୍ରହ୍ମଗିରି ଅଞ୍ଚଳରେ ଜଳ ନିଷ୍କାସନ ନେଇ ଦୀର୍ଘବର୍ଷ ଧରି ଦାବି କରାଯାଇଆସୁଥିଲା, ଯାହାକୁ ମୁଖ୍ୟମନ୍ତ୍ରୀ ପୂରଣ କରିଛନ୍ତି। ଫଳରେ ଅଞ୍ଚଳବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଯାଉଛି। ଚିଲିକାର ତଳି ଅଞ୍ଚଳ ବିଶେଷକରି ଲୁଣା ଅଞ୍ଚଳରେ କିପରି ଜଳ ନିଷ୍କାସନ, ବନ୍ୟା ନିୟନ୍ତ୍ରଣ, ଜଳସେଚନ ଓ ମତ୍ସ୍ୟ ଚାଷ ପାଇଁ ଉପଯୋଗୀ କରାଯାଇପାରିବ ସେଥିପାଇଁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ପକ୍ଷରୁ ୧୬ କୋଟି ୫୦ ଲକ୍ଷ ୬୯ ହଜାର ଟଙ୍କା ଆସିଛି। ଏଥିରେ ଡ୍ରେନେଜ ବ୍ୟବସ୍ଥା କରାଯିବ। ଜଗନ୍ନାଥପୁରଠାରୁ ଚିଲିକା ୩ କିଲୋମିଟର, କଙ୍କଡ଼ାଦୀପଠାରୁ ଚିଲିକା ୩ କିଲୋମିଟର ଏବଂ ମାଛିଆଦିଆଣ୍ଡି ଠାରୁ ଚିଲିକା ୨.୫ କିଲୋମିଟର ପର୍ଯ୍ୟନ୍ତ ନାଳ ଖନନ କରାଯିବ। ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ୧୧ଟି ଗ୍ରାମର ୮ ହଜାର ୫୦୦ ଲୋକ ଉପକୃତ ହେବେ। ଏନେଇ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ଉକ୍ତ ପ୍ରକଳ୍ପ ଫଳରେ ଗ୍ରାମବାସୀ ମଧୁର ଜଳ ପାଇବା ସହ ମାଛ ଓ ଚିଙ୍ଗୁଡ଼ି ଚାଷ କରି ଅଧିକ ରୋଜଗାରକ୍ଷମ ହୋଇପାରିବେ। ଲୋକମାନେ ନିଯୁକ୍ତି ପାଇପାରିବେ। ନୌକା ଗମନଗମନ ପାଇଁ ସୁବିଧା ହୋଇପାରିବ। ସ୍ୱୟଂ ସହାୟକ ଗୋଷ୍ଠୀ, ସମବାୟ ସମିତି, ମହିଳା ସମବାୟ ସଂସ୍ଥା, ମତ୍ସ୍ୟଜୀବୀମାନେ ଆତ୍ମନିର୍ଭରଶୀଳ ହୋଇପାରିବେ। ଅପରପକ୍ଷରେ ଚିଲିକାକୁ ସଂଯୋଗ କରୁଥିବା ନାଳଗୁଡିକରେ ଜଳ ନିଷ୍କାସନ ହୋଇପାରୁନଥିଲା। ଫଳରେ ତଳ ଅଞ୍ଚଳ ଜଳମଗ୍ନ ହୋଇପଡୁଥିଲା। ତେବେ ଏହି ଡ୍ରେନେଜ କାର୍ଯ୍ୟ ହେବା ଦ୍ୱାରା ବନ୍ୟାଜଳ ନିଷ୍କାସନ ସହ ନିୟନ୍ତ୍ରଣ ହୋଇପାରିବ। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ଗୋଟିଏ ପ୍ରକଳ୍ପ କାର୍ଯ୍ୟ କରାଯିବ। ହରିଦାସପୁରଠାରୁ ସିଡିଏ ନାଳ ଭାୟା କୁସୁବେଣ୍ଟି ଗ୍ରାମ ପର୍ଯ୍ୟନ୍ତ ଡ୍ରେଜିଙ୍ଗ ଦ୍ୱାରା ନାଳ ଖନନ କରାଯିବ। ଏଥିପାଇଁ ୭ କୋଟି ୮୫ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ୬ଟି ଗ୍ରାମର ଅଧିବାସୀ ଉପକୃତ ହେବେ ବୋଲି ଦାସବର୍ମା କହିଛନ୍ତି। ଖବରଦାତା ସମ୍ମିଳନୀରେ ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦାଳାଇ, ଜିଲା ପରିଷଦ ସଦସ୍ୟ ଜନ୍ମେଶ୍ୱର ସାହୁ, ଜିଲା ପରିଷଦ ସଦସ୍ୟଙ୍କ ପ୍ରତିନିଧି କେଦାର ଜେନା, ବ୍ରହ୍ମଗିରି ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ ଏବଂ ଯୁବ ନେତା ବିଜୟ ଦଳେଇ, କୁସୁବେଣ୍ଟି ସରପଞ୍ଚଙ୍କ ପ୍ରତିନିଧି ରାଧାକାନ୍ତ ସାହୁ, ସମିତି ସଭ୍ୟାଙ୍କ ପ୍ରତିନିଧି ବୃନ୍ଦାବନ ପ୍ରଧାନ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୬।୧୨।୨୦୨୩

| | |
|---|---|
| ୨,୭୯,୫୬୯ ଟଙ୍କା | |
| ସୁନା | ୬୬୦ ମି.ଗ୍ରା |
| ରୁପା | ୦୧.୧୦୦ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଏକାଗ୍ରତା ଡ୍ୟାନ୍ସ ଫାଉଣ୍ଡେଶନ ପକ୍ଷରୁ ପ୍ରଥମ ଏକାଗ୍ରତା ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଫେଷ୍ଟିଭାଲ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ସିଓ୍ୱାଇଏସ୍‌ଡି ପକ୍ଷରୁ ଓଡ଼ିଶା ବିକାଶ କନକ୍ଲେଭ୍, ମେ ଫେୟାର କନ୍‌ଭେନ୍‌ଶନ, ଜୟଦେବ ବିହାର, ପୂର୍ବାହ୍ନ ୧୦ଟା।
- ବିଜେଇଏମ୍ ସ୍କୁଲର ୪୯ତମ ବାର୍ଷିକ ଆଥଲେଟିକ୍ ମିଟ୍‌ର ପୁରସ୍କାର ବିତରଣ ଉତ୍ସବ, ସ୍କୁଲ ପରିସର, ଅପରାହ୍ନ ୩ଟା।
- ଓଡ଼ିଆ, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଓଡ଼ିଶାର ପ୍ରବାଦ ପୁରୁଷ ଓ ସମାଜ ସଂସ୍କାରକଙ୍କ ଜୀବନୀ ଉପରେ ଆଧାରିତ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ,ସନ୍ଧ୍ୟା ୬ଟା ୩୦।

# ଭକ୍ତଙ୍କ ପାଇଁ ହେବ ଏସି ଟନେଲ

- ରାସ୍ତା ପାର୍ଶ୍ୱରୁ ହଟିଲେ ଉଠାଦୋକାନୀ
- ପ୍ରଶାସନ ପକ୍ଷରୁ ମାପଚୁପ ଆରମ୍ଭ

ପୁରୀ, ୬।୧୨(ଅଜିତ୍ ମହାନ୍ତି)



ଏସି ଟନେଲ ନିର୍ମାଣ ପାଇଁ ଉଠାଦୋକାନୀମାନେ ହଟିଯାଇଥିବାବେଳେ ବୁଧବାର ବର୍ଷାପାଗ ଯୋଗୁ ବଡ଼ଦାଣ୍ଡରେ ଗହଳି ନାହିଁ।

ଆସନ୍ତା ଜାନୁୟାରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ତଥା ଲୋକାର୍ପଣ ହେବାକୁ ଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ନୂଆବର୍ଷଠାରୁ ନୂଆ ଅନୁଭୂତି ନେଇ ପୁରୀରୁ ଫେରିବେ ଭକ୍ତ। ଅନ୍ୟପକ୍ଷରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ବ୍ୟାରିକେଡ୍‌ରେ ଘଣ୍ଟା ଘଣ୍ଟା ସମୟ ଧରି ଠିଆହୋଇ ଯେଉଁ ସମସ୍ୟା ଭୋଗୁଥିଲେ ଏବେ ତାହା ଦୂର ହେବ ବୋଲି ଆଶା କରାଯାଉଛି। କାରଣ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମରୀଚକୋଟ ଛକ ପର୍ଯ୍ୟନ୍ତ ଏକ ଏସି (ଶୀତତାପ ନିୟନ୍ତ୍ରିତ) ଟନେଲ ନିର୍ମାଣ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ଏଥିଲାଗି ବୁଧବାରଠାରୁ ମାପଚୁପ ଆରମ୍ଭ କରାଯାଇଛି।

ପ୍ରଶାସନର ସୂଚନା ଅନୁଯାୟୀ, ଭକ୍ତଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ଏସି ଟନେଲ ନିର୍ମାଣ ବା କ୍ୟୁ ମ୍ୟାନେଜମେଣ୍ଟ ସିଷ୍ଟମ କରାଯିବ। ୮୪ ମିଟର ଲମ୍ବ ଓ ୧୨ମିଟର ଚଉଡ଼ା ବିଶିଷ୍ଟ ଏହି ଟନେଲ ଭିତରେ ଷ୍ଟିଲ ବ୍ୟାରିକେଡ୍ କରାଯିବ। ସେଠାରୁ ୪୦ ମିଟର ପରେ ଅସ୍ଥାୟୀ ଜୋତାଷ୍ଟାଣ୍ଡ ହେବ ଓ ଶୌଚାଳୟ ରହିବ। ଶ୍ରୀକୃଷ୍ଣ ସିନେମା ହଲ ଛକ ବା ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମରୀଚକୋଟ ଛକ ଯାଏ ଟନେଲ ନିର୍ମାଣ କରାଯିବ। ଶ୍ରୀମନ୍ଦିର ସିଂହଦ୍ୱାର ବାମ ପାର୍ଶ୍ୱରେ ଟନେଲ ହେବ। ୧୫ଟି ଖୁଣ୍ଟ ସହ ସମ୍ପୂର୍ଣ୍ଣ ଆଚ୍ଛାଦିତ କରାଯିବ। ତେବେ ରଥଯାତ୍ରା ସମୟରେ ଏହି ଡେଡିକେଟେଡ୍ ବ୍ୟାରିକେଡ୍ ହଟାଇ ଦିଆଯିବ। ରଥଯାତ୍ରା ପରେ ପୁଣି କାର୍ଯ୍ୟକ୍ଷମ କରାଯିବ। ଡିସେମ୍ବର ୨୫ ସୁଦ୍ଧା କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ଓବିସିସି ପକ୍ଷରୁ କୁହାଯାଇଛି। ସେହିପରି ଟ୍ରାଫିକ ସମସ୍ୟା ଦୂର ପାଇଁ ଶ୍ରୀମନ୍ଦିରଠାରୁ ମରୀଚକୋଟ ଛକ ପର୍ଯ୍ୟନ୍ତ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରଶାସନ ସହ ଆଲୋଚନା ପରେ ମଙ୍ଗଳବାର ରାତିରେ ସମ୍ପୃକ୍ତ ଉଠାଦୋକାନୀମାନେ ହଟି ଯାଇଛନ୍ତି। ପ୍ରଭାବିତ ଉଠାଦୋକାନୀମାନଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭଠାରେ ଥଇଥାନ କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

## ଦୃଷ୍ଟିହୀନ କଣ୍ଠଶିଳ୍ପୀଙ୍କୁ ନେଇ 'ଜୀବନ ଜିନ୍ଦାବାଦ୍'




ସଙ୍ଗୀତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ଦୃଷ୍ଟିହୀନ କଣ୍ଠଶିଳ୍ପୀମାନେ ଗୀତ ଗାଉଛନ୍ତି।

ଭୁବନେଶ୍ୱର,୬।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)

ଦୃଷ୍ଟିହୀନ କଣ୍ଠଶିଳ୍ପୀଙ୍କୁ ନେଇ ଏକ ନିଆରା ସଙ୍ଗୀତ କାର୍ଯ୍ୟକ୍ରମ 'ଜୀବନ ଜିନ୍ଦାବାଦ୍' ବୁଧବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଦୃଷ୍ଟିହୀନ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ମଧ୍ୟ ଦୃଷ୍ଟିହୀନ ଶିଳ୍ପୀ ରହିଥିଲେ। ସେମାନଙ୍କ ଚମତ୍କାର ପରିବେଷଣରେ ଦୀର୍ଘ ସମୟ ଧରି ଦର୍ଶକ ବାନ୍ଧି ହୋଇ ରହିଥିଲେ। ଓଡ଼ିଶା କଲ୍‌ଚରାଲ ସର୍କଲ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସୁଶାନ୍ତ ରାଉତ, ବରେଣ୍ୟ ଅତିଥି ଭାବେ ନିସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ନାୟକ ଓ ନୀଳାଚଳ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସର ଅଧ୍ୟକ୍ଷ ଦାମୋଦର ପତି ଯୋଗଦେଇଥିଲେ। ଉପାଧ୍ୟକ୍ଷ ଡ. ଜେନାମଣି ସଞ୍ଜୀବ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଉପାଧ୍ୟକ୍ଷ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଓ ସମ୍ପାଦକ ଚୌଧୁରୀ ଅମିତାଭ ଦାସ ଉପସ୍ଥିତ ଥିଲେ। ଦୃଷ୍ଟିହୀନ କଣ୍ଠଶିଳ୍ପୀ ଗୋପାଳକୃଷ୍ଣ, ରମେଶ ଚନ୍ଦ୍ର, ହିମାଂଶୁ, ଲତିଫ, ପରମେଶ୍ୱର, ଆଶା, କାନ୍ତିବାଳା, ରଶ୍ମିରେଖା ଓ ସାଲମା ସଙ୍ଗୀତ ପରିବେଷଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ଓ ସ୍ୱଦେଶ ମହାନ୍ତି ସଙ୍ଗୀତ ଆସରକୁ ସଂଯୋଜନା କରିଥିଲେ।

## ଗୋଟିଏ ଜମିକୁ ୨୨ଜଣଙ୍କୁ ବିକ୍ରି

ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀ ଗିରଫ

**ଭୁବନେଶ୍ୱର,୬।୧୨(ସତ୍ୟଜିତ୍ ରାଉତ):** ରାଜଧାନୀରେ ଗୋଟିଏ ଜମିକୁ ଚକ୍ରାନ୍ତ କରି ୨୨ଜଣଙ୍କୁ ବିକ୍ରି କରାଯାଇଛି। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀଙ୍କୁ ଭୁବନେଶ୍ୱର ବଡ଼ଗଡ଼ ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଅଞ୍ଚଳର ହୃଦାନନ୍ଦ ସାହୁ (୫୩)। ହୃଦାନନ୍ଦଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଗତ ଜାନୁୟାରୀ ୭ରେ ମୁଖ୍ୟ ଅଭିଯୁକ୍ତ ଦିବାକର ସାହୁଙ୍କୁ ପୋଲିସ ଗିରଫ କରିଥିଲା। ସୂଚନା ଅନୁଯାୟୀ, ଚନ୍ଦକା ଅଞ୍ଚଳର ବାସିନ୍ଦା ଦିବାକରଙ୍କ ଖଣ୍ଡଗିରି ଦାସପୁର ମୌଜାଠାରେ ଏକ ପ୍ଲଟ୍ (ନଂ.୧୮୬/୧୧୫୧) ଥିଲା। ସେ ୧୯୮୨ ଜୁନ ୨୬ରେ ଏହି ପ୍ଲଟ୍‌କୁ କାଞ୍ଚନମ ଆଲେକ୍ସ ନାମକ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ପରେ ଜମି ମାଲିକ କାଞ୍ଚନମ୍ ଉକ୍ତ ପ୍ଲଟ୍‌କୁ ସାବିତ୍ରୀଦେବୀ ଚୌଧୁରୀ ନାମ୍ନୀ ଜଣେ ମହିଳାଙ୍କୁ ୧୯୯୨ରେ ବିକ୍ରି କରିଥିଲେ। ହେଲେ ଜମିର ରେକର୍ଡ ଅଫ୍ ରାଇଟ୍ସରେ ଉଭୟଙ୍କ ନାମ ସଂଶୋଧନ ହୋଇ ପାରି ନ ଥିଲା। ଏହି ପ୍ଲଟ୍ ମୂଳ ଜମି ମାଲିକ ଦିବାକରଙ୍କ ନାମରେ ହିଁ ରହିଥିଲା। ଦିବାକର ଏହାର ସୁଯୋଗ ନେଇ ଲୋକଙ୍କୁ ଠକିବାକୁ ଯୋଜନା କରିଥିଲେ। ସେ ତାଙ୍କ ସହଯୋଗୀ ହୃଦାନନ୍ଦଙ୍କ ନାମରେ ପାୱାର ଅଫ୍ ଆର୍ଟର୍ନି ପ୍ରସ୍ତୁତ କରିଥିଲେ। ଏହାପରେ ହୃଦାନନ୍ଦ ନିଜକୁ ଉକ୍ତ ଜମିର ପାୱାର୍ ଅଫ୍ ଆର୍ଟର୍ଣ୍ଣି ଦର୍ଶାଇ ପ୍ଲଟ୍‌କୁ ମୋଟ୍ ୨୨ଜଣ ଲୋକଙ୍କୁ ବିକ୍ରି କରିଦେଇଥିଲେ। ଶେଷରେ ସବ୍ ରେଜିଷ୍ଟ୍ରାର ଅଫିସରେ ଏହି କାରନାମା ଧରାପଡ଼ିଥିଲା। ସବ୍ ରେଜିଷ୍ଟ୍ରାର୍ ମନୋଜ ସେନାପତିଙ୍କ ଏତଲା ଆଧାରରେ ବଡଗଡ ଥାନା ୨୦୨୨ ଜୁଲାଇ ୨୯ରେ ଏକ ମାମଲା (ନଂ.୨୫୩/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଦଳିତ ୱାର୍ଡ ସଭ୍ୟାଙ୍କୁ ଅସଦାଚରଣ: ପୂର୍ବତନ ସମିତି ସଭ୍ୟ ଅଟକ

**ମାହାଙ୍ଗା, ୬।୧୨(ଯଯାତି ସିଂହ):** ମାହାଙ୍ଗା ଥାନା ଅନ୍ତର୍ଗତ ଲଳିତଗିରି ଗାଁର ପୂର୍ବତନ ସମିତିସଭ୍ୟ ରୁଦ୍ର ନାରାୟଣ ସିଂହ ଜଣେ ଦଳିତ ମହିଳା ୱାର୍ଡସଭ୍ୟାଙ୍କୁ ମାଡ଼ ମାରି ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ପରେ ପୋଲିସ ଘଟଣାର ତଦନ୍ତ କରି ଏକ ମାମଲା ରୁଜୁ କରିବା ସହ ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ ସିଂହଙ୍କୁ ତାଙ୍କ ଘରୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ସୂଚନା ଅନୁଯାୟୀ, ୱାର୍ଡ ସଭ୍ୟା ଜଣକ ନଭେମ୍ବର ୨୬ରେ ଘରୁ ତାଙ୍କ ସ୍ୱାମୀଙ୍କ ସହ ନିକଟସ୍ଥ ବାଲିଚନ୍ଦ୍ରପୁର ବଜାରକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ସିଂହ ଏକ ସ୍କୁଟିରେ ଆସି ତାଙ୍କ ପାଖରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିବା ସହ ପରିବାର ସଦସ୍ୟଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ୱାର୍ଡ ସଭ୍ୟା ଜଣକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୩୮୦/୨୩ରେ ମାମଲା ରୁଜୁ କରିଛି। ଏ ନେଇ ଅଭିଯୋଗକାରିଣୀ ୫ ତାରିଖରେ କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି ଓ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଅପରାଧୀଙ୍କ ଟ୍ରାକ୍ ରେକର୍ଡ ଜଣାଇବ ଫିଙ୍ଗରପ୍ରିଣ୍ଟ

ଭୁବନେଶ୍ୱର,୬।୧୨(ସୂର୍ଯ୍ୟକାନ୍ତ ବେହେରା)

**ଅପରାଧ ସମୀକ୍ଷା ବୈଠକ**

ରାଜଧାନୀରେ ଦିନକୁ ଦିନ ଚୋରି, ଛିନତାଇ ଭଳି ଅପରାଧ ବଢ଼ି ଚାଲିଛି। ତେବେ ଏହି ଅପରାଧରେ ଅଧିକାଂଶ ବାହାର ରାଜ୍ୟର ଲୁଟେରାଙ୍କ ସଂପୃକ୍ତ ରହୁଥିବା ଜଣାପଡ଼ିଛି। ରାସ୍ତା ହେଉ ଅବା ଆପାର୍ଟମେଣ୍ଟ ବା ଘର ସବୁଠି ପାର୍ବଣ ସମୟରେ ଚୋରି କରୁଥିବା ବେଳେ ଏବେ ବିବାହ ଋତୁରେ ମଣ୍ଡପଗୁଡ଼ିକୁ ଟାର୍ଗେଟ କରିଛନ୍ତି ଲୁଟେରା ଗ୍ୟାଙ୍ଗ। ଭିନ୍ନ ଭିନ୍ନ ତରିକାରେ ଅପରାଧ ଘଟାଉଥିବାରୁ ପୋଲିସ ସେମାନଙ୍କୁ ଧରିବା କଷ୍ଟକର ହୋଇପଡୁଛି। ବିଶେଷକରି ପୋଲିସ ହାତରେ କେହି ଧରାପଡିଲେ ବି ଅପରାଧ ରେକର୍ଡ ଜଣା ନ ଥିବାରୁ ସହଜରେ ଜେଲ୍‌ରୁ ମୁକୁଳି ଗୋଟିଏ ପରେ ଗୋଟିଏ ଅପରାଧ ଘଟାଉଛନ୍ତି। ତେବେ ସେମାନଙ୍କୁ କିଭଳି କାବୁ କରି ହେବ ସେନେଇ କମିଶନରେଟ ପୋଲିସର ଟ୍ରାଫିକ ଥାନାରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଏକ ଅପରାଧ ସମୀକ୍ଷା ବୈଠକ ବସିଥିଲା। ଉପସ୍ଥିତ ସମସ୍ତ ଥାନାର ଅଧିକାରୀଙ୍କୁ ସାଇଣ୍ଟିଫିକ ଟିମ୍‌ର ସହାୟତାରେ ତଦନ୍ତ ଟିପ୍ସ ଦେଇଥିଲେ। ଏହାସହ ନୂଆ ବାୟୋମେଟ୍ରିକ ସ୍କାନର ମେଶିନରେ ଅପରାଧୀଙ୍କ ରେକର୍ଡ ବାହାର କରିବାର କୌଶଳ ଥାନା ଅଧିକାରୀଙ୍କୁ ଶିଖାଇଥିଲେ। ଟିପ ଚିହ୍ନରୁ ସହଜରେ ଅପରାଧୀଙ୍କ ଟ୍ରାକ୍ ରେକର୍ଡ ଜାଣି ପାରିବ ହ୍ୟାଣ୍ଡ ହେଲ୍ଡ ବାୟୋମେଟ୍ରିକ ଫିଙ୍ଗର ପ୍ରିଣ୍ଟ ରିଡର। ତେବେ ଏହି ମେଶିନ ବିଭିନ୍ନ ଥାନାକୁ ଦିଆଯାଇଥିବା ସୂଚନା ମିଳିଛି। ଅପରପକ୍ଷେ ଅପରାଧୀଙ୍କ ଗତିବିଧି ବିଷୟରେ ଆପର୍ଟମେଣ୍ଟ ବାସିନ୍ଦାଙ୍କୁ ଅବଗତ କରିବା ସହ ସିକ୍ୟୁରିଟି ଗାର୍ଡ ଓ ସିସିଟିଭି ସମ୍ବନ୍ଧରେ ବୁଝାଇବାକୁ ଥାନାୱାରୀ ଆଇଆଇସିଙ୍କୁ ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି।

## ପୂର୍ବତଟ ରେଳପଥ ପକ୍ଷରୁ ମହାପରିନିର୍ବାଣ ଦିବସ




**ଭୁବନେଶ୍ୱର, ୬।୧୨(ଅନୁରାଧା ମହାରଣା):** ପୂର୍ବତଟ ରେଳପଥ ପକ୍ଷରୁ ସ୍ଥାନୀୟ ରେଳସଦନଠାରେ ବୁଧବାର ଭାରତ ରତ୍ନ ବାବା ସାହେବ ଡ଼. ଭୀମରାଓ ରାମଜୀ ଆମ୍ବେଦକରଙ୍କର ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀମାନେ ସ୍ୱର୍ଗତ ବାବା ସାହେବ ଡ଼. ବି. ଆର୍. ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରେଳପଥର ପ୍ରମୁଖ କାର୍ମିକ ଅଧିକାରୀ ସିଦ୍ଧାର୍ଥ କାଟି ଏବଂ ମୁଖ୍ୟ କାର୍ମିକ ଅଧିକାରୀ (ପ୍ରଶାସନ) ସୂର୍ଯ୍ୟ ପ୍ରକାଶ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପୂର୍ବତଟ ରେଳପଥର ସମସ୍ତ ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ଼, ସମ୍ବଲପୁର ଓ ୱାଲଟିୟର ଠାରେ ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀମାନେ ମହାପରିନିର୍ବାଣ ଦିବସ ପାଳନ କରିବା ଅବସରରେ ବାବା ସାହେବଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

## 'ଏଇ ଆକାଶ ତଳେ' ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ

ଭୁବନେଶ୍ୱର,୬।୧୨(ଶର୍ମିଷ୍ଠା ପାଣିଗ୍ରାହୀ)




ଚଳଚ୍ଚିତ୍ର 'ଏଇ ଆକାଶ ତଳେ'ର ବ୍ୟାନର।

ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଯିଏ ଯେତେ ଦେଖିଛି ସେ ସେତେ ଜାଣିପାରିଛି। ଏଠାରେ ସଂସ୍କୃତି, ପରମ୍ପରା ସହ ଆଦିବାସୀ ମାଟିର ମହକ ସବୁବେଳେ ସମସ୍ତଙ୍କୁ ଆକର୍ଷିତ କରି ଆସିଛି, ଯାହା ଏବେ ଓଡ଼ିଆ ଚଳଚ୍ଚିତ୍ର 'ଏଇ ଆକାଶ ତଳେ'ରେ ଦେଖିବାକୁ ମିଳୁଛି। ପର୍ଯ୍ୟଟନର ଗନ୍ତାଘର ଓଡ଼ିଶାରେ ଲୁଚି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଚଳଚ୍ଚିତ୍ର ମାଧ୍ୟମରେ ଭିନ୍ନ ଢଙ୍ଗରେ ଦେଖାଇବାର ଏକ ସୁନ୍ଦର ପ୍ରଚେଷ୍ଟା କରାଯାଇଛି। ଦେଓମାଳି, ରାମତୀର୍ଥ, ଭୀମକୁଣ୍ଡ, ଗୁଡଗୁଡ଼ା, ରଘୁରାଜପୁର, ସାତକୋଶିଆ, ନେହେରୁ ବଙ୍ଗଳା, ଶିମିଳିପାଳ, ପିର୍ ଜାହାନିଆ ବେଳାଭୂମି, ପେଣ୍ଠା ବିଚ୍, ବାଲ୍‌ଦା କେଭ୍‌ସ, ଲଳିତଗିରି, ରାଣୀ ଡୁମ୍‌ଡୁମା, ପୁଞ୍ଜିସିଲ୍ ୱାଟରଫଲ୍ ଭଳି ଅନେକ ସ୍ଥାନକୁ ଏଥିରେ ସ୍ଥାନ ଦିଆଯାଇଛି। ଏମିତିକି ପର୍ଯ୍ୟଟନକୁ ନେଇ କିଭଳି ଆଞ୍ଚଳିକ ସ୍ଥାନରେ ବ୍ୟବସାୟ କରିହେବ ତାହା ମଧ୍ୟ ଫିଲ୍ମରେ ଦର୍ଶାଯାଇଛି। ନଭେମ୍ବର ୧୭ରେ ରିଲିଜ ହୋଇଥିବା ଏହି ଚଳଚ୍ଚିତ୍ର ସବୁବର୍ଗର ଦର୍ଶକଙ୍କ ମନକୁ ବେଶ୍ ଛୁଇଁପାରିଛି। ଏହାର ବିଷୟବସ୍ତୁ ଏବଂ ମୁଖ୍ୟ ଭୂମିକାରେ ଥିବା ଅଭିନେତ୍ରୀ ସମର୍ପିତା ଦାଶ, ଅଭିନେତା ଅଭିଷେକ ଗିରିଙ୍କ ଅଭିନୟରେ ବାନ୍ଧି ହୋଇଛନ୍ତି ଦର୍ଶକ। ନବାଗତା ଭାବେ ସମର୍ପିତା ତାଙ୍କ ଅଭିନୟର ଛାପ ସମସ୍ତଙ୍କ ମନରେ ଛାଡ଼ିଥିବା ବେଳେ ଅଭିନେତା ଅଭିଷେକ ସବୁଥର ପରି ତାଙ୍କର ସୁନ୍ଦର ଅଭିନୟର ଯାଦୁ ଦେଖାଇଛନ୍ତି। ପୁଷ୍ପା ପଣ୍ଡା, ଅଶୋକ ଦାସ ମଧ୍ୟ ଏଥିରେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ନିର୍ଦ୍ଦେଶକ ଓ ପ୍ରଯୋଜକ ଶୁଭେନ୍ଦୁ କୁମାର ସ୍ୱାଇଁ ରହିଥିବାବେଳେ ଗୌରବ ଆନନ୍ଦ, ପ୍ରୀତ ରିଓ ଏବଂ ଆଶିଷ ପ୍ରଧାନ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଅନ୍ୟପକ୍ଷେ ସମାଜରେ ଥିବା ପୁଅ, ଝିଅ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ନେଇ ଚଳଚ୍ଚିତ୍ରଟି ନୂଆ ବାର୍ତ୍ତା ଦେଇଛି। ପୁଅଟିଏ ଚାହୁଁଥିବା ବାପା ଝିଅଟେ ଜନ୍ମ ହେଲା ପରେ କ'ଣ ଆଭିମୁଖ୍ୟ ଦେଖାଇଥାନ୍ତି ତାହା ଏଥିରେ ରହିଛି। ମୋର ପୁଅଟିଏ ହୋଇଥିଲେ ଏମିତି ହୋଇଥାନ୍ତା, ସେମିତି ସେ କିଛି କରିଥାନ୍ତା, ମୋ ଦାୟିତ୍ୱ ନେଇଥାନ୍ତା...ବାପାଙ୍କ ଏଭଳି କିଛି ଚିନ୍ତାଧାରା କିଭଳି ଜଣେ ଝିଅକୁ ପ୍ରଭାବିତ କରିଛି ଓ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ସେ ପୁରସ୍କାର ପାଇବା ସତ୍ତ୍ୱେ ବାପାଙ୍କ ସାବାସି ପାଇପାରୁନି ତାହା ଏହି ଫିଲ୍ମ ମାଧ୍ୟମରେ ଦେଖିବାକୁ ମିଳିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରଞ୍ଜନ



@ ବାଶା



@ ପୂଜାରିଣୀ



@ ପ୍ରୀତମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଉଭୟ ପକ୍ଷରୁ ଯୁକ୍ତି ଉପସ୍ଥାପନ

କଟକ,୬।୧୨ (କାର୍ତ୍ତିକ ସାହୁ)

**ପରିବାର ଅଦାଲତଙ୍କ ରାୟ ବିରୋଧରେ ହାଇକୋର୍ଟ ମାମଲା**

କଟକ ପରିବାର ଅଦାଲତଙ୍କ ରାୟ ବିରୋଧରେ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ହାଇକୋର୍ଟରେ ଦାଏର କରିଥିବା ମାମଲା ଏବେ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଥିବା ଜଣାପଡ଼ିଛି। ହାଇକୋର୍ଟ ବିଚାରପତି ଅରିନ୍ଦମ ସିହ୍ନା ଓ ବିଚାରପତି ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ମାମଲାର ଶୁଣାଣିବେଳେ ଉଭୟ ପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଅନୁଭବଙ୍କ ପକ୍ଷରୁ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ପରିବାର ଅଦାଲତଙ୍କ ରାୟ ବିରୋଧରେ ଯୁକ୍ତି ଉପସ୍ଥାପନ କରି ଅଦାଲତଙ୍କୁ ସମସ୍ତ ତଥ୍ୟ ଅବଗତ କରାଇଥିବା କହିଛନ୍ତି। ଅନୁଭବ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କଠାରୁ ଛାଡ଼ପତ୍ର ପାଇଁ କରିଥିବା ଆବେଦନକୁ ଖାରଜ କରିବା ବେଆଇନ ବୋଲି ସେ ଯୁକ୍ତି ମାଧ୍ୟମରେ ଖଣ୍ଡପୀଠଙ୍କୁ ସନ୍ତୁଷ୍ଟ କରିଥିବା ସୂଚନା ଦେଇଛନ୍ତି। ଆସନ୍ତା ୨୦ରେ ମାମଲାର ପରବର୍ତ୍ତି ଶୁଣାଣି ହେବ। ସୂଚନା ଅନୁସାରେ, ଅନୁଭବ ଓ ବର୍ଷାଙ୍କ ମାମଲାର ଆବେଦନ ପରିବାର ଅଦାଲତରେ ଗତ ସେପ୍ଟେମ୍ବର ୨୨ରେ ଖାରଜ ହେବା ପରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଅନୁଭବଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରି ବର୍ଷାଙ୍କୁ ହାଜର ହେବା ନିମନ୍ତେ ନୋଟିସ ଜାରି କରିଥିଲେ। ଏଥିସହ ପରିବାର ଅଦାଲତରୁ ସେମାନଙ୍କ ବିବାହ ବିଚ୍ଛେଦ ସଂକ୍ରାନ୍ତୀୟ ଦସ୍ତାବିଜ୍ ହାଇକୋର୍ଟରେ ଦାଖଲ ପାଇଁ ଆଦେଶ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ବର୍ଷା କଟକର ପରିବାର ଅଦାଲତରେ ଅନୁଭବଙ୍କ ନିକଟରେ ରହିବାକୁ ଚାହୁଁଥିବା ଦର୍ଶାଇ ସେମାନଙ୍କ ସମ୍ପର୍କ ପୁନଃ ପ୍ରତିଷ୍ଠା ନିମନ୍ତେ ଆବେଦନ କରିଥିଲେ। ପରିବାର ଅଦାଲତରେ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ମାମଲାର ଶୁଣାଣି ଚାଲିଥିଲା। ତେବେ ନିକଟରେ ପରିବାର ଅଦାଲତ ବର୍ଷାଙ୍କ ଆବେଦନକୁ ଖାରଜ କରିଥିଲେ। ସେହିପରି ଅନୁଭବଙ୍କ ପକ୍ଷରୁ ସ୍ତ୍ରୀ ବର୍ଷାଙ୍କୁ ଛାଡ଼ପତ୍ର ଦେବା ନିମନ୍ତେ କରାଯାଇଥିବା ଆବେଦନକୁ ମଧ୍ୟ ପରିବାର ଅଦାଲତ ଖାରଜ କରିଥିଲେ।



ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡ୍କରଙ୍କ ମହାପ୍ରୟାଣ ଦିବସ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସ ପରିସରରେ ଥିବା ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଛନ୍ତି।

# ମୁଖ୍ୟମନ୍ତ୍ରୀ ଆଶା: ଦିଲ୍ଲୀରେ ବସୁନ୍ଧରା

**ଜୟପୁର,୬।୧୨(ପି.ଟି.)**



ବସୁନ୍ଧରା ରାଜେ

ରାଜସ୍ଥାନରେ ମୁଖ୍ୟମନ୍ତ୍ରୀ କିଏ ହେବେ ଭାଜପା କେନ୍ଦ୍ରୀୟ ନେତୃତ୍ୱ ତାହା ସ୍ଥିର କରିପାରି ନ ଥିବାବେଳେ ବୁଧବାର ରାତିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ବରିଷ୍ଠ ନେତ୍ରୀ ବସୁନ୍ଧରା ରାଜେ ନୂଆଦିଲ୍ଲୀ ଯାଇଛନ୍ତି। ଗୁରୁବାର ସେ ଦଳର ହାଇକମାଣ୍ଡଙ୍କୁ ଭେଟିବେ ବୋଲି ବସୁନ୍ଧରାଙ୍କ ମହଲରୁ ଜଣାପଡ଼ିଛି। ପାଖାପାଖି ୬୦ ନବନିର୍ବାଚିତ ଭାଜପା ବିଧାୟକ ସୋମବାର ଏବଂ ମଙ୍ଗଳବାର ବସୁନ୍ଧରାଙ୍କୁ ତାଙ୍କ ସିଭିଲ୍ ଲାଇନ୍ ବାସଭବନରେ ଭେଟିଥିଲେ। କିଏ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ହେବେ ଭାଜପା ସଂସଦୀୟ ବୋର୍ଡ ନିଷ୍ପତ୍ତି ନେବ। ଭାଜପାର ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ବୋର୍ଡ ବୈଠକ ଗୁରୁବାର ବସି ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଚୟନ କରାଯିବ। ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପାର ବରିଷ୍ଠ ଏମ୍‌ପିମାନେ ଯୋଗଦେବେ। ଏହା ପୂର୍ବରୁ ଭାଜପା ବିଧାୟକ ଦଳ ବୈଠକ ବସିବ। ତେବେ ରାଜସ୍ଥାନରେ ଏହି ବୈଠକ କେବେ ବସିବ ତାହା ଘୋଷଣା ହୋଇନାହିଁ। ଦୁଇଥର ମୁଖ୍ୟମନ୍ତ୍ରୀ ହୋଇଥିବା ବସୁନ୍ଧରା ଏହି ପଦବୀ ଲାଗି ଦୌଡ଼ରେ ଅଛନ୍ତି। ଗତ ମାସ ୨୫ରେ ରାଜସ୍ଥାନ ବିଧାନସଭାର ୧୯୯ ଆସନ ଲାଗି ହୋଇଥିବା ନିର୍ବାଚନରେ ଭାଜପା ୧୧୫ ଆସନ ଜିତିଥିବାବେଳେ କଂଗ୍ରେସକୁ ୬୯ ଆସନ ମିଳିଥିଲା। କରନପୁରରେ କଂଗ୍ରେସ ପ୍ରାର୍ଥୀଙ୍କ ପରଲୋକ ଯୋଗୁ ଉକ୍ତ ଆସନରେ ଭୋଟ ସ୍ଥଗିତ ରହିଥିଲା। ସେଠାରେ ଜାନୁୟାରୀ ୫ରେ ନିର୍ବାଚନ ହୋଇ ୮ରେ ଫଳାଫଳ ଘୋଷଣା କରାଯିବ।

## ଓଡ଼ିଶାରେ ନୂଆ ଜିଲା ଗଠନ ଦାବିକଲେ ସୁରେଶ ପୂଜାରୀ



**ନୂଆଦିଲ୍ଲୀ,୬।୧୨ (କୁଳଦୀପ୍ ସିଂ)**

ଓଡ଼ିଶାରେ ନୂଆ ଜିଲ, ସବ୍‌ଡିଭିଜନ ଓ ବ୍ଲକ୍ ଗଠନ ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ଲାଗି କେନ୍ଦ୍ର ସରକାରଙ୍କୁ ଭାଜପା ଏମ୍‌ପି ସୁରେଶ ପୂଜାରୀ ବୁଧବାର ଅନୁରୋଧ କରିଛନ୍ତି। ବରଗଡ଼ ଲୋକ ସଭା ସଦସ୍ୟ ସୁରେଶ ଶୂନ୍ୟକାଳ ବେଳେ କହିଥିଲେ, ଓଡ଼ିଶାରେ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସକ୍ଷମ ଓ ସ୍ୱଚ୍ଛ କରାଯିବା ଆବଶ୍ୟକତା ରହିଛି। ଏଥିପାଇଁ ପଦ୍ମପୁର ସମେତ ଆଉ କେତେକ ସବ୍‌ଡିଭିଜନକୁ ନୂଆ ଜିଲା ମାନ୍ୟତା ଦିଆଯାଉ। ଏଥିସହ ଝାରସୁଗୁଡ଼ା ଜିଲାର ବ୍ରଜରାଜନଗରକୁ ସବ୍‌ଡିଭିଜନ କରାଯାଉ। ଝାରସୁଗୁଡ଼ାର ଲଖନପୁର ଏବଂ ବରଗଡ଼ର ମେଲ୍‌ଛାମୁଣ୍ଡାକୁ ନୂଆ ବ୍ଲକ୍ କରାଯିବାକୁ ସୁରେଶ ଦାବି କରିଛନ୍ତି।

# ୫ ବର୍ଷରେ ଭାରତର ପ୍ରଥମ ମହାକାଶ କେନ୍ଦ୍ର

**ବେଙ୍ଗାଲୁରୁ,୬।୧୨**

ଭାରତର ମହାକାଶ ରୋଡ୍‌ମ୍ୟାପ୍ ସମ୍ପର୍କରେ ଗତ ଅକ୍ଟୋବରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରକାଶ କରିବା ପରେ ଆସନ୍ତା ୫ ବର୍ଷ ମଧ୍ୟରେ ମହାକାଶ କେନ୍ଦ୍ରର ପ୍ରଥମ ୟୁନିଟ୍ ନିର୍ମାଣ ଲାଗି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦୃଢ଼ୋକ୍ତି ପ୍ରକାଶ କରିଛି। ଭାରତ ସ୍ୱାଧୀନତାର ୧୦୦ ବର୍ଷ ଅର୍ଥାତ୍ ୨୦୪୭ ପାଇଁ ଇସ୍ରୋ ଏହାର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛି, ଯେଉଁଥିରେ ଏକାଧିକ ଲୁନାର ମିଶନ ସାଙ୍ଗକୁ ଚନ୍ଦ୍ର ପର୍ଯ୍ୟଟନ ପାଇଁ ଯୋଜନା ରହିଛି। ସ୍ପେସ୍ ଷ୍ଟେଶନ ଏବଂ ଟେକ୍ନୋଲୋଜି ବଳରେ ଚନ୍ଦ୍ରକୁ ମାନବ ମିଶନ ଏବଂ ଗଗନୟାନ କାର୍ଯ୍ୟକାରୀ ହୋଇପାରିବ। ୨୦୪୦ରେ ମାନବ ମିଶନ ପାଇଁ ଲକ୍ଷ୍ୟ ରଖାଯାଇଥିବାରୁ ହାତରେ ଆଉ ୧୭ ବର୍ଷ ସମୟ ରହିଛି। ଏହି ସମୟ ମଧ୍ୟରେ ଟେକ୍ନୋଲୋଜିର ବିକାଶ ହୋଇଯାଇଥିବ ବୋଲି ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି। ଏବେ ସ୍ପେସ୍ ଷ୍ଟେଶନ ପାଇଁ କାର୍ଯ୍ୟ ଚାଲିଥିବାରୁ ୨୦୨୮ ସୁଦ୍ଧା ଏହାର ପ୍ରଥମ ୟୁନିଟ୍ ପ୍ରସ୍ତୁତ ହୋଇଯିବ ବୋଲି ସେ କହିଛନ୍ତି।

# ଅନୁସୂଚିତ ଜନଜାତି ତାଲିକାରେ ୧୬୯ ଜାତିଙ୍କୁ ସାମିଲ କରାଯାଉ: ସସ୍ମିତ

**ନୂଆଦିଲ୍ଲୀ,୬।୧୨**



ଓଡ଼ିଶାର ଅନୁସୂଚିତ ଜନଜାତି (ଏସ୍‌ଟି) ତାଲିକାରେ ବାଦ୍ ପଡ଼ିଥିବା ୧୬୯ଟି ଜାତିକୁ ସାମିଲ କରିବା ପାଇଁ ବିଜେଡି ଏମ୍‌ପି ସସ୍ମିତ ପାତ୍ର ଦାବି ଦୋହରାଇଛନ୍ତି। ରାଜ୍ୟ ସଭାରେ ସସ୍ମିତ କହିଥିଲେ, ଓଡ଼ିଶାରେ ଏପର୍ଯ୍ୟନ୍ତ ୧୬୯ଟି ଜାତି ଏସ୍‌ଟି ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ କେନ୍ଦ୍ର ସରକାରଙ୍କୁ ଅନେକ ଥର ପତ୍ର ଲେଖିଥିଲେ ମଧ୍ୟ କୌଣସି ନିଷ୍ପତ୍ତି ନିଆଯାଉ ନାହିଁ। ୧୯୭୦ରୁ ଏହି ପ୍ରସ୍ତାବ ବିଚାରାଧୀନ ରହିଥିବା ବିଜେଡି ଏମ୍‌ପି କହିଥିଲେ। ଏଥିସହିତ ହୋ, ମୁଣ୍ଡାରି, ଭୂମିଜ, ସାଓରା ଏବଂ କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରିବା ଲାଗି ସସ୍ମିତ ଅନୁରୋଧ କରିଥିଲେ। ଓଡ଼ିଶାର ୧୦ ଲକ୍ଷରୁ ଆଦିବାସୀ ମହିଳା କେନ୍ଦୁପତ୍ର ଉପରେ ନିର୍ଭରଶୀଳ ହୋଇଥିବାରୁ ଏହା ଉପରୁ ୧୮ ପ୍ରତିଶତ ଜିଏସ୍‌ଟି ପ୍ରତ୍ୟାହାର ପାଇଁ ସେ ଦାବି କରିଥିଲେ।

## ଇଣ୍ଡିଆ ମେଣ୍ଟ ୧୭ ଦଳ ନେତାଙ୍କ ବୈଠକ

**ନୂଆଦିଲ୍ଲୀ,୬।୧୨**

ଲୋକ ସଭା ଏବଂ ରାଜ୍ୟ ସଭାର ୧୭ଟି ବିରୋଧୀ ଦଳର ନେତା ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବାସଭବନରେ ଏକାଠି ହୋଇଥିଲେ। ଭାଜପାକୁ ଘେରିବା ଲାଗି ପାର୍ଲାମେଣ୍ଟରେ ସମନ୍ୱୟ ବଢ଼ାଇବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ଇଣ୍ଡିଆ ମେଣ୍ଟର ବରିଷ୍ଠ ନେତାମାନଙ୍କ ବୈଠକ ଖୁବ୍‌ଶୀଘ୍ର ବସି ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ ହେବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଛି। ଦିନେ କିମ୍ବା ୨ ଦିନରେ ବରିଷ୍ଠ ନେତାଙ୍କ ବୈଠକ ସମ୍ପର୍କରେ ଘୋଷଣା କରାଯିବ।



କିଛିବର୍ଷ ମଧ୍ୟରେ ମହାକାଶକୁ ମାନବ ପ୍ରେରଣ ଯୋଜନା କରିଥିବା ଇରାନ ବୁଧବାର ପ୍ରାଣୀଙ୍କୁ ନେଇ ଏକ କ୍ୟାପ୍‌ସୁଲ୍ ଲଞ୍ଚ କରିଛି। ୫୦୦ କେଜି ବିଶିଷ୍ଟ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି ରକେଟ୍ ଏକ ଅଜ୍ଞାତ ସ୍ଥାନରୁ ଲଞ୍ଚିଂ ବେଳର ଫଟୋକୁ ଇରାନ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୋସିଆଲ ମିଡିଆରେ ଶେୟାର କରାଯାଇଛି।

**ରାଜ୍ୟ ଖବର**

# ଜାତୀୟ ରାଜପଥ ହେଲାଣି ହାତୀଙ୍କ ଚରାଭୂଇଁ

**ଚେତୁନି ଏନ୍‌ଏଚ୍‌ଏଆଇ, ଅଧାପନ୍ତରିଆ ଅଣ୍ଡରପାସ୍**

**ଢେଙ୍କାନାଳ,୬।୧୨(ରତନ ନାୟକ)**

ଢେଙ୍କାନାଳ ଜିଲା ଦେଇ ଯାଇଥିବା ୩ଟି ରାଜପଥ ଏବେ ହାତୀଙ୍କ ଚରାଭୂଇଁ ପାଲଟିଲାଣି। ସକାଳେ ଓ ସନ୍ଧ୍ୟାରେ ହାତୀପଲ ରାଜପଥ ପାର ହେଉଥିବାରୁ ଯାନବାହନ ଚଳାଚଳ ବ୍ୟାହତ ହେବା ସହିତ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ଅଟକି ରହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ହଳଦିଆବାହାଳ ଠାରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ହାତୀ ଜାତୀୟ ରାଜପଥ ପାରହୋଇଥିଲେ। ଏଥିପାଇଁ ସେମାନଙ୍କୁ ବହୁ ସମୟ ଲାଗିଥିଲା। ଫଳରେ ରାଜପଥର ଦୁଇ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା।

ପ୍ରକାଶ ଯେ, ଜିଲାର ବଳଦିଆବନ୍ଧରୁ କଣ୍ଟାବଣିଆ ପର୍ଯ୍ୟନ୍ତ ଯାଇଥିବା ୫୫ନଂ ଜାତୀୟ ରାଜପଥର ପ୍ରାୟ ୧୬ଟି ଜାଗାରେ ହାତୀପଲ ରାଜପଥ ପାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜପଥରେ ହାତୀ ଚଳାପଥ ଭାବେ ୫ଟି ଅଣ୍ଡରପାସ୍ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ସେଥିରୁ ୪ଟିର କାର୍ଯ୍ୟ ଚାଲିଥିଲେ ବି ତାହା ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏଣେ ଚଳାପଥ ନ ପାଇ ହାତୀ ରାଜପଥ ଉପର ଦେଇ ଯାତାୟାତ କରୁଥିବାରୁ ଦୁର୍ଘଟଣା ଘଟୁଛି। ଏପରି କି ଭାରିଯାନ ଦୁର୍ଘଟଣାରେ ୨ଟି ହାତୀଙ୍କ ମୃତ୍ୟୁ ହେବା ପରି ଘଟଣା ଘଟିସାରିଛି। ପ୍ରତିଦିନ ହାତୀପଲ ପରଜଙ୍ଗ ପଟରୁ ବ୍ରାହ୍ମଣୀ ନଦୀ ପାର ହୋଇ ୫୫ନଂ. ଜାତୀୟ ରାଜପଥ ଦେଇ ହିନ୍ଦୋଳ ରେଞ୍ଜ୍‌ରେ ପ୍ରବେଶ କରୁଥିବା ବେଳେ ଅପରାହ୍ନରେ ସେହି ପଥ ଦେଇ ପରଜଙ୍ଗ ଅଞ୍ଚଳକୁ ଫେରୁଛନ୍ତି। କିନ୍ତୁ ଏନ୍‌ଏଚ୍‌ଏଆଇ ଏବଂ ବନବିଭାଗ ପକ୍ଷରୁ ଯାନବାହନ ଚାଳକ ଏବଂ ଯାତ୍ରୀମାନଙ୍କୁ ସଚେତନ କରାଇବାକୁ କୌଣସି ପ୍ରକାର ସାଇନେଜ୍ କିମ୍ବା ସତର୍କସୂଚନା ନ ଥିବାରୁ ଏହା ସମସ୍ୟା ସୃଷ୍ଟି କରୁଛି। ସେହିପରି ପରଜଙ୍ଗ ବ୍ଲକର ପିଁଡିରି ଛକ ଦେଇ ପାଲଲହଡା ଆଡକୁ ଯାଇଥିବା ୧୪୯ନଂ ଜାତୀୟ ରାଜପଥର ଅନେକ ସ୍ଥାନରେ ହାତୀପଲ ପାର ହେଉଥିବା ଦେଖାଯାଇଛି। ବନବିଭାଗ ଜାତୀୟ ରାଜପଥ ପ୍ରାଧିକରଣକୁ ବହୁବାର ଜଣାଇଥିଲେ ମଧ୍ୟ ହାତୀ ପାଇଁ ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟ ସରୁ ନ ଥିବା ଚିନ୍ତାଜନକ ହୋଇଛି। ଫଳରେ ହାତୀକୁ ନେଇ ଯେ କୌଣସି ମୁହୂର୍ତ୍ତରେ ରାଜପଥରେ ବଡ଼ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ଜାତୀୟ ରାଜପଥ ପ୍ରାଧିକରଣର ସାଇଟ୍ ଇଞ୍ଜିନିୟର ଅର୍ପିତ୍ ମାଲବ କହିଛନ୍ତି, ୪ ଅଣ୍ଡରପାସ୍‌ର ନିର୍ମାଣ କାର୍ଯ୍ୟ ଚାଲିଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଏହା ସରିବ ବୋଲି ଆଶା ରଖିଛୁ।



୫୫ନଂ ଜାତୀୟ ରାଜପଥର ଢେଙ୍କାନାଳ ଜିଲା ହଳଦିଆବାହାଳ ଠାରେ ରାସ୍ତା ପାର ହେଉଛନ୍ତି ହାତୀପଲ।

# ଆଧୁନିକୀକରଣ ହେବ ସବୁ ବନ୍ଦର

**ଭୁବନେଶ୍ୱର, ୬।୧୨(ସୁନିତ୍ ମିଶ୍ର)**

**ରାଜ୍ୟସ୍ତରୀୟ ସାଗରମାଳା କମିଟିର ୨ୟ ବୈଠକ**

ଭାରତ ସରକାରଙ୍କ ଦ୍ୱାରା ସମ୍ପୃକ୍ତ ରାଜ୍ୟ ସରକାରମାନଙ୍କ ସହଯୋଗରେ ସାଗରମାଳା ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ଜାତୀୟସ୍ତରରେ ଜାତୀୟ ସାଗରମାଳା ଆପେକ୍ସ କମିଟି ଓ ବିଭିନ୍ନ ରାଜ୍ୟରେ ରାଜ୍ୟସ୍ତରୀୟ କମିଟି ରହିଛନ୍ତି। ଓଡ଼ିଶାରେ ପ୍ରାୟ ୪୮୦ କି.ମି. ସୁଦୀର୍ଘ ସମୁଦ୍ର ତଟ ରହିଛି। ଏହା ମଧ୍ୟରେ ଗୋପାଳପୁର, ଧାମରା, ପାରାଦୀପରେ ବନ୍ଦର ଅଛି। ସେସବୁ ସମେତ ଅନ୍ୟ ଯେଉଁଠାରେ ସୁଯୋଗ ରହିଛି, ସାଗରମାଳା ପ୍ରକଳ୍ପ ଆଧାରରେ ସେଗୁଡ଼ିକର ଉନ୍ନତୀକରଣ ହେଲେ ସମୁଦ୍ର ପଥରେ ଓଡ଼ିଶା ତଥା ଦେଶର ବାଣିଜ୍ୟିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ଲୋକସେବା ଭବନଠାରେ ବୁଧବାର ଆୟୋଜିତ ଓଡ଼ିଶାର ରାଜ୍ୟସ୍ତରୀୟ ସାଗରମାଳା କମିଟିର ୨ୟ ବୈଠକ ମନ୍ତ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେ କହିଛନ୍ତି, ସାଗରମାଳା ପ୍ରକଳ୍ପ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟର ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବିଭିନ୍ନ ରାଜ୍ୟରେ ରହିଥିବା ବନ୍ଦରଗୁଡ଼ିକର ଆଧୁନିକୀକରଣ ହୋଇପାରିବ। ଏହାସହ ବନ୍ଦରଗୁଡ଼ିକର ଦକ୍ଷତା ବୃଦ୍ଧି, ସଂଯୋଗୀକରଣ ବୃଦ୍ଧି, ବନ୍ଦରଭିତ୍ତିକ ଶିଳ୍ପର ବିକାଶ ଏବଂ ଉପକୂଳବର୍ତ୍ତୀ ଜିଲାର ବନ୍ଦର ଅଞ୍ଚଳରେ ଲୋକମାନଙ୍କ ଗୋଷ୍ଠୀଗତ ବିକାଶ ସାଧନ ହୋଇପାରିବ। ଏହାସହ ବନ୍ଦରଭିତ୍ତିକ ଜାହାଜ ଚଳାଚଳ ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ସୁଗମ ହୋଇପାରିବ। ପ୍ରକଳ୍ପରେ ଥିବା ଏହି ୬ଟି ପ୍ରମୁଖ ଆଧାର ଏବଂ ରାଜ୍ୟରେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ସଚିବ ଉଷା ପାଢ଼ୀ ବିଶଦ ଭାବେ ଆଲୋକପାତ କରିଛନ୍ତି।

ରାଜ୍ୟରେ ସାଗରମାଳା ରାଜ୍ୟସ୍ତରୀୟ କମିଟିର ପ୍ରଥମ ବୈଠକ ୨୦୨୧ ଏପ୍ରିଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟସ୍ତରୀୟ କମିଟିରେ ବାଣିଜ୍ୟ ଓ ପରିବହନ, ଜଳ ସମ୍ପଦ, ଅର୍ଥ ବିଭାଗ, ଶକ୍ତି ବିଭାଗ, ପୂର୍ତ୍ତ ବିଭାଗ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଇଡ୍‌କୋ, ଇପିକଲ୍ ସମେତ ପାରାଦୀପ, ଗୋପାଳପୁର, ଧାମରା ବନ୍ଦର ଆଦିର କର୍ତ୍ତୃପକ୍ଷମାନେ ସଦସ୍ୟ ରହିଛନ୍ତି। ପ୍ରକଳ୍ପ ପାଇଁ କେନ୍ଦ୍ର ୫୦ ପ୍ରତିଶତ ଅନୁଦାନ ଦେଉଥିବାବେଳେ ୫୦ ପ୍ରତିଶତ ଅର୍ଥ ରାଜ୍ୟ ସରକାର ବ୍ୟବସ୍ଥା କରିବେ। ବିଭିନ୍ନ ପର୍ଯ୍ୟାୟରେ ବିନିଯୋଗ ପତ୍ର ପ୍ରଦାନ ଆଧାରରେ ଏହି ପାଣ୍ଠି ଉପଲବ୍ଧ ହେବ। ସାଗରମାଳା ପ୍ରକଳ୍ପରେ ଏକାଧିକ ପ୍ରକଳ୍ପ ସାମିଲ ପାଇଁ ପ୍ରସ୍ତାବ ଦେବାକୁ ସୁଯୋଗ ରହିଛି। ଏହି ଅବସରରେ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଓଡ଼ିଶାରେ କାର୍ଯ୍ୟକାରୀ କରାଯାଉଥିବା ବହୁମୁଖୀ ଯାତ୍ରୀ ପରିବହନ ବସ୍ ସେବା ଲକ୍ଷ୍ମୀ ଯୋଜନା ସମ୍ପର୍କରେ ମାର୍ଗଦର୍ଶିକା ପୁସ୍ତକ ବିଭାଗୀୟ ମନ୍ତ୍ରୀ ସାହୁଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି।

# ଜୟପୁର ଆର୍‌ସିଏମ୍‌ଏସ୍‌କୁ ୫୪ ଲକ୍ଷ ଜରିମାନା

**ଜୟପୁର,୬।୧୨(ପବନ ପାଣିଗ୍ରାହୀ)**

ଜୟପୁର ଆଞ୍ଚଳିକ ସମବାୟ ମାର୍କେଟିଂ ସମିତି (ଆର୍‌ସିଏମ୍‌ଏସ୍)କୁ ୫୪ ଲକ୍ଷ ଟଙ୍କା ଜରିମାନା ହୋଇଛି। ଏନେଇ ବୁଧବାର ଡିଆର୍‌ସିଏସ୍ ଭୀମସେନ ସାହୁ ସଭାପତି ଓ ସମ୍ପାଦକଙ୍କୁ ଯାଞ୍ଚ ପରିସରଭୁକ୍ତ କରି ତଦନ୍ତ କରିଛନ୍ତି। ନିୟମିତ ରିଟର୍ନ ଦାଖଲ କରାଯାଇ ନ ଥିବାରୁ ଆୟକର ବିଭାଗ ପକ୍ଷରୁ ଆର୍‌ସିଏମଏସ୍‌କୁ ଏହି ଜରିମାନା ଲାଗିଛି। ବୁକସ୍ ଅଫ୍ ଆକାଉଣ୍ଟ ମେଣ୍ଟେନ ନ କରିବା, ବାର୍ଷିକ ଅଡିଟ୍ ନ କରାଇବା, ନିୟମତି ରିଟର୍ନ ଦାଖଲ ନ କରିବାରୁ ଆୟକର ବିଭାଗ ୨୦୧୪ରୁ ୨୦୧୯ ଯାଏ ଉପରୋକ୍ତ ପରିମାଣର ଜରିମାନା ଆର୍‌ସିଏମ୍‌ଏସ୍ ଉପରେ ପକାଇଥିବା ତଦନ୍ତରୁ ଜଣାପଡ଼ିଛି।

୨୦୨୧ରୁ ଡିଆର୍‌ସିଏସ୍ କାର୍ଯ୍ୟାଳୟର ଏଆର୍‌ସିଏସ୍ ଦାୟିତ୍ୱରେ ଥିବା ପ୍ରମୋଦ ରାଉତଙ୍କୁ ବିଭାଗ ପକ୍ଷରୁ ଆର୍‌ସିଏମ୍‌ଏସ୍‌ର ଭାରପ୍ରାପ୍ତ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଥିଲା। ୯।୬।୨୦୨୧ରୁ ଏଯାଏ ସେ ଏଆର୍‌ସିଏସ୍ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି। ୨୦୧୪ରୁ ୨୦୧୯ ଯାଏ ଆର୍‌ସିଏମ୍‌ଏସ୍‌ରେ ଅବ୍ୟବସ୍ଥା ହୋଇଥିବା ଆୟକର ବିଭାଗ ଜାଣିବାକୁ ପାଇଛି। ସେହି ସମୟ ମଧ୍ୟରେ ପରିଚାଳନା ବୋର୍ଡ ସଦସ୍ୟ, ସଭାପତି, ସମ୍ପାଦକ ଦାୟିତ୍ୱ ତୁଲାଇଥିବା ବ୍ୟକ୍ତିଙ୍କୁ ଜେରା କରାଯିବ ବୋଲି ଡିଆର୍‌ସିଏସ୍ ଭୀମସେନ ସାହୁ କହିଛନ୍ତି। ଅନ୍ୟପକ୍ଷରେ ୨୦୨୨ ନଭେମ୍ବର ୧୧ରେ ନୂତନ ବୋର୍ଡ ଗଠନ ହୋଇଥିଲା। ଏହାର ୧୩ ମାସ ମଧ୍ୟରେ ୩ଟି ବୈଠକ ହେବା କଥା। ମାତ୍ର ଗୋଟିଏ ବୈଠକ ହୋଇଛି। ଏ ସମ୍ପର୍କରେ ଡିଆର୍‌ସିଏସ୍ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଆର୍‌ସିଏମ୍‌ଏସ୍ ପକ୍ଷରୁ ସରକାରଙ୍କ ନିକଟରେ ସମ୍ପାଦକଙ୍କ ନାମରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ ସେ ତଦନ୍ତ କରିବାକୁ ଯାଇଥିଲେ। ତଦନ୍ତରୁ ଆର୍‌ସିଏମ୍‌ଏସ୍‌କୁ ୫୪ ଲକ୍ଷ ଟଙ୍କା ଆୟକର ବିଭାଗର ଜରିମାନା ଥିବା ସେ ଜାଣିବାକୁ ପାଇଥିଲେ।

# ଆର୍‌ଏମ୍‌ସିରେ ବିଜେଡି ନେତାଙ୍କ ଜନ୍ମଦିନ ପାଳନ

**ଥାନାରେ ମାମଲା**

**ଭଦ୍ରକ,୬।୧୨(ସନାତନ ରାଉତ)**

ଭଦ୍ରକ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ବିଜେଡି ନେତା ଅସିତ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ନେଇ ପୁରୁଣାବଜାର ଥାନାରେ ଏକ ମାମଲା ରୁଜୁ ହୋଇଛି। ଜନ୍ମଦିନ ପାଇଁ ବିଶାଳ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବାଜା,ବାଣ ସହ ବାଇକ୍ ରାଲି କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ଅନୁମତି ନ ଥିବା ଦର୍ଶାଇ ଭଦ୍ରକ ଉପଜିଲାପାଳ ମନୋଜ କୁମାର ପାତ୍ର ପୁରୁଣା ବଜାର ଥାନାଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ସଂସ୍ଥା ପରିସରରେ ରାଜନୈତିକ ଲୋକଙ୍କ ସମେତ ୨ ହଜାରରୁ ଊର୍ଦ୍ଧ୍ୱ ଏକଜୁଟ ହୋଇଥିଲେ। ଭବିଷ୍ୟତରେ ଏପରି କାର୍ଯ୍ୟ ନ ହେବା ପାଇଁ ଆୟୋଜକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପଜିଲାପାଳ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି। ଏନେଇ ପୁରୁଣାବଜାର ଥାନାରେ ମାମଲା (ନଂ.୩୭୮/୨୩) ରୁଜୁ କରାଯାଇଛି।

# ଚାଷୀଙ୍କ ଅଣ୍ଟା ଭାଙ୍ଗିଦେଲା ବର୍ଷା

**ଶତାଧିକ ଏକର ଜମିର ଧାନ ଫସଲ ପାଣିରେ ବୁଡ଼ିଗଲା**



କୁକୁଡାଖଣ୍ଡି ବ୍ଲକ ପାଣ୍ଡିଆଝୋଳି ପଞ୍ଚାୟତରେ ଅମଳ ଧାନ ବର୍ଷା ଜଳରେ ବୁଡି ରହିଛି।

**ବ୍ରହ୍ମପୁର,୬।୧୨ (ସ୍ମୃତି ରଞ୍ଜନ ମହାଲିକ)**

ବାତ୍ୟା ମିଗଜୋମ ପ୍ରଭାବରେ ଗଞ୍ଜାମ ଜିଲାରେ ପ୍ରବଳ ବର୍ଷା ହୋଇଛି। ଧାନ କଟା ହୋଇ ବିଲରେ ପଡିଥିବାରୁ ଶତାଧିକ ଏକର ଜମିର ଫସଲ ପାଣିରେ ବୁଡିଯାଇଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇ ଆସୁଥିବା ଜିଲାର ଚାଷୀମାନଙ୍କ ଅଣ୍ଟା ଭାଙ୍ଗିଯାଇଛି।

ଜିଲାର ୧ ଲକ୍ଷ ୭୯ ହଜାର ହେକ୍ଟର ଚାଷ ଜମିରେ ହୋଇଥିବା ଧାନ ଫସଲରୁ ପ୍ରାୟ ୨୦% ଧାନ କଟାଯାଇଛି। ଆହୁରି ୮୦ ପ୍ରତିଶତ ଫସଲ ବିଲରେ ପଡ଼ିଛି। କିନ୍ତୁ ବାତ୍ୟାଜନିତ ବର୍ଷାରେ ବିଲରେ ପଡି ରହିଥିବା ଅମଳ ଧାନ ସଂପୂର୍ଣ୍ଣ ନଷ୍ଟ ହେବା ନେଇ ଆଶଙ୍କା କରାଯାଉଛି। ଜିଲା କୃଷି ବିଭାଗ ପକ୍ଷରୁ ଆଗୁଆ ସୂଚନା ଦିଆଯାଇଥିଲା। କିନ୍ତୁ କମ ସମୟ ମଧ୍ୟରେ ଅମଳ ଧାନକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରିବା ସମ୍ଭବ ହୋଇପାରି ନାହିଁ।

